RNI No.ODIODI/2010/33031

୧୭ ବର୍ଷ Volume- 17

ISSUE -54 ସଂଖ୍ୟା-୫୪

ଭୁବନେଶ୍ୱର, ବୁଧବାର ୦୬ ମଇ ୨୦୨୬

Bhubaneswar, Wednesday 06 May, 2026

୦୮ ପୃଷ୍ଠା Pages-08

ମୂଲ୍ୟ : ୨.୦୦ ଟଙ୍କା Price : Rs.2.00

www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ସତ୍ତା-ବିରୋଧୀ ଲହର

ମୋଦି - ବିଜେପି ସୁନାମି ନୁହେଁ,ସତ୍ତା - ବିରୋଧୀ ଲହର। ସରକାରୀ ଚାପରେ ସ୍ୱାଧୀନ ସାମ୍ବିଧାନିକ, ପ୍ରଶାସନିକ ଓ ଅଦାଲତ ଭଳି ନିରପେକ୍ଷ ସଂସ୍ଥାର ଆତ୍ମସମର୍ପଣ। ବିଜ୍ଞାପନ, ଟିଆରପି ଲାଳସା ଗଣମାଧ୍ୟମର ଅତିରଞ୍ଜିତ ଖବର ପ୍ରସାରଣ ଓ ଅନୁସନ୍ଧାନକାରୀ । ଯାଞ୍ଚ ଏଜେନସି ଆଦିର ଘନଘନ ଦୁରୂପଯୋଗ ୨୦୧୪ ରୁ ୨୦୨୬ ମଧ୍ୟରେ ଅନୁଷ୍ଠିତ ଲୋକସଭା,ରାଜ୍ୟସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଛି । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାରେ ଆସୀନ କରି ଦେଶର ଜଳ, ଜମି, ଜଙ୍ଗଲ ଓ ପୂର୍ବସୂରୀମାନେ ସମର୍ପିତ କରିଯାଇଥିବା ଜାତୀୟ ସମ୍ପତ୍ତି ହରିଲୁଟ କରିବାରେ ପୁଞ୍ଜିପତିମାନଙ୍କର ଭୂମିକା ମଧ୍ୟ କିଛି କମ ନୁହେଁ । ୫ ରାଜ୍ୟରେ ଅନୁଷ୍ଠିତ ନିର୍ବାଚନରେ କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଫଳାଫଳ ସିଧାସଳଖ ସତ୍ତା - ବିରୋଧୀ ଲହରକୁ ଇଙ୍ଗିତ କରୁଛି। ଗତ ଲୋକସଭା ନିର୍ବାଚନରେ ଅବ କି ବାର ୪୦୦ ପାର ଧରାଶାୟୀ ହୋଇ ୨୪୦ ରେ ପହଞ୍ଚି ଯାଇଥିଲା। କୌଣସି ମୋଦି -ସୁନାମି ଦେଖିବାକୁ ମିଳିନଥିଲା । ନିଜର ବାରାଣାସୀ ଲୋକସଭା ଆସନ ରକ୍ଷା କରିବାକୁ ମୋଦିଙ୍କୁ ସଂଘର୍ଷ କରିବାକୁ

### ସମ୍ପାଦକୀୟ

ପଡିଥିଲା ଓ ଲୋକସଭାରେ ସଂଖ୍ୟାଗରିଷ୍ଠତା ଅଭାବରୁ ନୀତିଶ - ନାଇଡୁ ବୈଶାଖୀର ଆବଶ୍ୟକତା ହୋଇଥିଲା। ଓଡିଶା,ପଶ୍ଚିମବଙ୍ଗ, ବିହାର ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମାନେ. ବିଜେପି-ଅନୁରକ୍ତ ଥିଲେ, ପଦବି ମଧ୍ୟ ଉପଭୋଗ କରିଥିଲେ । ଆଜି ବିଜେପି ସେମାନଙ୍କୁ ବର୍ଜ୍ୟବସ୍ତୁ କରିଦେଇଛି। ଜାତୀୟ ରାଜନୈତିକ ଦୃଶ୍ୟପଟରେ ଏହା ସ୍ପଷ୍ଟ ପ୍ରାମାଣିତ ହୋଇଛି ଯେ, ବିଜେପି -ଆରଏସଏସକୁ କେବଳ କଂଗ୍ରେସ ଟକ୍କର ଦେଇପାରିବ। କଂଗ୍ରେସର ଅଧାରୁ ଅଧିକ ନେତା ବିଜେପିରେ କ୍ଷମତା ଉପଭୋଗ କରୁଛନ୍ତି । ତଥାପି କଂଗ୍ରେସ ଲଢୁଛି, ଆଗକୁ ଆହୁରି ଲଢ଼ିବ। କଂଗ୍ରେସ - ମୁକ୍ତ ଭାରତ ପାଇଁ ମୋଦି - ଶାହ -ଆରଏସଏସର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଆଜି ଲୋକସଭାରେ ବିରୋଧୀ ଦଳର ନେତା ଆସନରେ ଆସୀନ ରାହୁଲ ଗାନ୍ଧୀ ଓ ଏହା ତାଙ୍କର ଲୋକପ୍ରିୟତା ପ୍ରାମାଣିତ କରିଛି । ଆଗାମୀ ଦିନରେ କଂଗ୍ରେସ ଆହୁରି ମଜବୁତ ହେବ ଏବଂ ସିଧାସଳଖ ବିଜେପିକୁ ଧରାଶାୟୀ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଦେଶର ସମ୍ବିଧାନ, ଅର୍ଥନୀତି, ବିଦେଶ ବ୍ୟାପାର, ଆଇନଶୃଙ୍ଖଳା, ଗରିବ କଲ୍ୟାଣ, ଯୁବ -ମହିଳା ସଶକ୍ତିକରଣ ସହିତ ସୁଶାସନର ବ୍ୟବସ୍ଥା ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ - ଏହା ବିଗତ ୧୨ ବର୍ଷ ମଧ୍ୟରେ ବିଜେପିର ଚରମ ବିଫଳତା ପରେ ଜନସାଧାରଣ ଧୀରେ ଧୀରେ ଅନୁଭବ କରୁଛନ୍ତି। ୨୦୨୭ ରେ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ୨୦୨୯ ଲୋକସଭା ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବଫ । ସେଥିପାଇଁ ତୃଣମୂଳ ସ୍ତରରୁ କଂଗ୍ରେସକୁ ଆହୁରି ସାଙ୍ଗଠିତ କରିବାକୁ ଜୋରଦାର ଉଦ୍ୟମ ଅବ୍ୟାହତ ରହିଛି।

# କଂଗ୍ରେସ ସହିତ ହାତ ମିଶାଇପାରେ ଟିଭିକେ



ବେଙ୍ଗାଲୁରୁ,୫।୫(ନି.ପ୍ର.): ତାମିଲନାଡୁରେ ବିଜୟଙ୍କ ଦଳ ଟିଭିକେ ସର୍ବାଧିକ ଆସନ ହାତେଇ ଥିଲେ ସୁଦ୍ଧା ସରକାର ଗଢ଼ିବାକୁ ଅକ୍ଷମ । ତାମିଲନାଡୁରେ ଝୁଲା ସରକାର ହେବାଟା ଥୟ । ମଙ୍ଗଳବାର ଟିଭିକେର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କାହା ସହିତ ଦଳ ମେଣ୍ଟ କରିବା ବିଚାର ବିମର୍ଶ ମଧ୍ୟରେ କଂଗ୍ରେସର ନାମ ସାମ୍ନାକୁ ଆସିଛି ।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ମୁତାବକ, ଟିଭିକେ ମୁଖ୍ୟାଳୟରେ ଆଜି ସମସ୍ତ ନବନିର୍ବାଚିତ ସଦସ୍ୟମାନେ ଏକାଠି ହୋଇଥିଲେ । ମେଣ୍ଟ ନେଇ ଆଲୋଚନା ହୋଇଛି । ଟିଭିକେ କଂଗ୍ରେସ ସହିତ ହାତ ମିଳାଇବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇସାରିଛି । ତାମିଲନାଡୁର ୨୩୪ ବିଶିଷ୍ଟ ଆସନ ପାଇଁ ମ୍ୟାଜିକ ନମ୍ବର ୧୧୮ ଛୁଇଁବାକୁ ହେଲେ ଟିଭିକେକୁ ଆଉ ୧୧ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ପଡୁଛି । ତେବେ ଏଥିରେ କଂଗ୍ରେସ ୫, ବିସିକେ ୨ ଏବଂ ସିପିଆଇ ୨ ଜଣ ବିଧାୟକ ସାମିଲ ହେବେ । ଏହି ଦଳ ଗୁଡ଼ିକ ସହିତ ଟିଭିକେର ଔପଚାରିକ ଆଲୋଚନା ଜାରି ରହିଛି । ଅନ୍ୟପକ୍ଷରେ ଡିଏମକେ ନେତା ଷ୍ଟାଲିନ୍ ଡାକିଥିବା ଆଜିର ବୈଠକରେ ମଧ୍ୟ କଂଗ୍ରେସ ସାମିଲ ହୋଇନଥିବା ଜଣାପଡ଼ିଛି । କଂଗ୍ରେସ ନିଜକୁ ଏହି ବୈଠକରୁ ଦୂରେଇ ରଖିଛି । ବିସିକେ ପ୍ରମୁଖ ଥୋଲ ଥିରୁମାବଲବନ କହିଛନ୍ତି ଯେ ଜନତା ମେଣ୍ଟ ସରକାର ଚାହୁଁଚି । ଆମେ ଏବଂ ବାମଦଳ ରାଜ୍ୟରେ ଧର୍ମ ନିରପେକ୍ଷ ମୋର୍ଚ୍ଚା ଭାବରେ କାମ କରିବୁ । ଟିଭିକେ ମୁଖ୍ୟ ବିଜୟ ମଧ୍ୟ ନିର୍ବାଚନ ପ୍ରଚାର ସମୟରେ ମେଣ୍ଟ ସରକାର ବିଚାରକୁ ସମର୍ଥନ କରିଥିଲେ ।

ମେ ୯ ତାରିଖରେ ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ହୋଇପାରେ। ଏବେ ସାରା ଦେଶର ନଜର ବିଜୟଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ତାମିଲନାଡୁ ନିର୍ବାଚନରେ ୨୩୪ ଆସନରୁ ଟିଭିକେ ୧୦୮, ଡିଏମକେ ୭୩ ଏବଂ ଏଆଇଏଡିଏମକେକୁ ୫୩ ଆସନ ମିଳିଛି ।

## ପଶ୍ଚିମବଙ୍ଗରେ ସରକାର ଗଠନ ପ୍ରକ୍ରିୟା ଜୋରଦାର

# ମୋହନ ମାଝୀଙ୍କୁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ,୫।୫(ନି.ପ୍ର.): ପଶ୍ଚିମବଙ୍ଗ ଏବଂ ଆସାମ ବିଧାନସଭା ନିର୍ବାଚନରେ ବିଜେପିର ବହୁମତ ପରେ ସରକାର ଗଠନ ପ୍ରକ୍ରିୟା ଜୋରଦାର ହୋଇଛି। ବିଧାୟକ ଦଳର ନେତା ଚୟନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ପାଇଁ ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଦୁଇ ନେତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଚୟନ ଏବଂ ସରକାର ଗଠନ ପ୍ରକ୍ରିୟାର ତଦାରଖ କରିବେ।ଆସାମ ପାଇଁ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେ ଆସାମ ବିଧାୟକ ଦଳର ନେତା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବେ।ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନୀଙ୍କୁ ଆସାମ ପାଇଁ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି।



ପଶ୍ଚିମବଙ୍ଗର ୨୯୪ଟି ଆସନ ମଧ୍ୟରୁ ବିଜେପି ୨୦୭ଟି ଆସନ ଜିତି ଏକ ଐତିହାସିକ ବିଜୟ ହାସଲ କରିଛି।ପଶ୍ଚିମବଙ୍ଗରେ ନୂଆ ବିଜେପି ସରକାର ଆସନ୍ତା ମେ ୯ ତାରିଖରେ ଶପଥ ଗ୍ରହଣ କରିବେ। ଏହି ପର୍ଯ୍ୟବେକ୍ଷକମାନେ ନବ ନିର୍ବାଚିତ ବିଧାୟକମାନଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବେ। ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଏହି ନାମଗୁଡ଼ିକୁ ଅନୁମୋଦନ କରାଯାଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ହରାଇବା ପରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ଥିବାବେଳେ, ଅମିତ ଶାହଙ୍କ ଗସ୍ତ ପରେ ଏହି ସସପେନ୍ସ ଶେଷ ହେବାର ସମ୍ଭାବନା ରହିଛି।

# ଶ୍ରୀମେଟାଲିକ ସ୍ୱଞ୍ଜୀ ଆଇରନ ପ୍ଲାଣ୍ଟରେ ଦୁର୍ଘଟଣା ଘଟି ୩ ଶ୍ରମିକ ମୃତ

## ଘଟଣା ଚପାଇ ଦେବାକୁ ଉଦ୍ୟମ

ଅନୁଗୁଳ,୫।୫(ନି.ପ୍ର.): ଅନୁଗୁଳ ଜିଲ୍ଲା ନିଶା ଥାନା ଅଞ୍ଚଳରେ ଥିବା ଶ୍ରୀମେଟାଲିକ ସ୍ୱଞ୍ଜୀ ଆଇରନ ପ୍ଲାଣ୍ଟରେ ସମୋବାର ବିଳମ୍ବିତ ରାତିରେ ଅଘଟଣ ଘଟି ୩ ଶ୍ରମିକ ମୃତ । ଘଟଣାରୁ ପ୍ରକାଶଯେ ଡିଆରଆଇ ମେଣ୍ଟେନାନ୍ସ କାମ କରୁଥିବା ବେଳେ ଗ୍ୟାସଲିକ ହେବାରୁ ତିନି ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା । ମୃତକ ମାନେ ହେଲେ ସୁନ୍ଦରଗଡ ଜିଲ୍ଲା



ସଦର ଥାନା ଟାଙ୍ଗରପାଲି ବ୍ଲକ ତିନିଗୁଡା ଗାଁର ଶ୍ରୀଧର ବୋଗେନ(୩୭) ମଣ୍ଟୁ କୁମାର(୩୨) ଓ ରାଜଗାଙ୍ଗପୁର ସୁନାଖଣି ଅଞ୍ଚଳର ମଙ୍ଗଳ ମାଝି (୪୦) ବୋଲି ଜଣାପଡିଛି । ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିବା ବେଳେ କଟକ ଡାକ୍ତରଖାନା ନେବାବେଳେ ହିନ୍ଦୋଳ ନିକଟରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ମୃତଦେହ ହିନ୍ଦୋଳ ଡାକ୍ତରଖାନାରେ ରକ୍ଷା ଯାଇଥିବା ବେଳେ ପରିବାର ଲୋକ ପହଞ୍ଚିଲା ପରେ ଶବ ବ୍ୟବଚ୍ଛେଦ କରାଯିବ । ଅନ୍ୟପଟେ ନିଶା ଥାନା ପୋଲିସ ପ୍ଲାଣ୍ଟରେ ପହଂଚି ତଦନ୍ତ ଆରମ୍ଭ କରିଛି ।କାରଖାନାର ସୁରକ୍ଷା ବ୍ୟବସ୍ଥା ନେଇ ଶ୍ରମିକ ଓ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ନିଶା ଥାନା ପୋଲିସ ପ୍ଲାଣ୍ଟରେ ପହଞ୍ଚିବା ସହିତ ବ୍ୟାପକ ଭାବେ ପୋଲିସ ମୋତାୟନ କରାଯାଇଥିଲା ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି । ଗ୍ୟାସ ଲିକ୍ କିପରି ହେଲା, ସୁରକ୍ଷା ନିୟମ ପାଳନ କରାଯାଇଥିଲା କି ନାହିଁ ଏବଂ କାହାର ଅବହେଳା ଥିଲା କି ନାହିଁ ସେସବୁ ଦିଗରେ ତଦନ୍ତ ଚାଲିଛି ।ଏହି ଘଟଣା ପରେ ମେଟାଲିକ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥା ଉପରେ ପୁନର୍ବାର ଗୁରୁତର ପ୍ରଶ୍ନ ଉଠିଛି । ଶ୍ରମିକ ସଂଘ ଓ ସ୍ଥାନୀୟ ଲୋକମାନେ ଦାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଓ ପୀଡିତ ପରିବାରଙ୍କୁ କ୍ଷତିପୂରଣ ଦାବି କରୁଛନ୍ତି ।

## ଭିଜିଲାନ୍ସ ଜାଲରେ ତହସିଲ ଅଫିସର ଅମିନ

କଣ୍ଟାବାଞ୍ଜି,୦୫।୦୫(ନି.ପ୍ର.): ଭିଜିଲାନ୍ସ ଜାଲରେ ତହସିଲ ଅଫିସ ଅମିନ । ୧୫ ହଜାର ଟଙ୍କା ନେବା ବେଳେ ଧରାପଡିଲେ ବଙ୍ଗୋମୁଣ୍ଡା ତହସିଲ ଅମିନ ନିର୍ମଳେନ୍ଦୁ କବି। ପାର୍ଟିସନ ସୁଟ୍ କେସ ବାବଦକୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲଦାରରେ ଅମିନ ଜଣେ ଆବେଦନକାରୀଙ୍କଠାରୁ ସ୍କେଚ୍ ମ୍ୟାପ୍ରସ୍ତୁତ କରିବା ଏବଂ ସେମାନଙ୍କର ଜମି ସମ୍ପତ୍ତି ବିଭାଜନ ଏବଂ ସମ୍ପୃକ୍ତ ଅଂଶୀଦାରଙ୍କ ସପକ୍ଷରେ ନୂତନ ଜଜଜ ପ୍ରଦାନ ପାଇଁ ଫାଇଲ୍ ପ୍ରକ୍ରିୟାକରଣ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରି ନେଉଥିଲେ । R & DM ବିଭାଗର ସରକାରଙ୍କ ନିୟମ ଅନୁଯାୟୀ, ଆବେଦନକାରୀ ସକ୍ଷମ ଅଧିକାରୀଙ୍କ ସମ୍ମୁଖରେ ସେମାନଙ୍କର ଜମି ବିଭାଜନ ପାଇଁ ଆବେଦନ କରିଥିଲେ। ଅମିନ ସ୍କେଚ୍ ମ୍ୟାପ୍ ଏବଂ ଜମି ବିଭାଜନ ଏବଂ ପୃଥକ ଜଜଜ ପ୍ରଦାନ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ।

# ୬୧ ସ୍ଥାନରେ ଅଦିନିଆ ରଥଯାତ୍ରା ପ୍ରସ୍ତୁତି କରିଛି ଇସ୍କନ

ପୁରୀ,୫।୫(ନି.ପ୍ର.): ୨୦୨୬ ମସିହା ଅର୍ଥାତ୍ ଚଳିତ ବର୍ଷ ଆହୁରି ୬୧ ଜାଗାରେ ତିଥି ବିହୀନ ବା ଅଦିନିଆ ରଥଯାତ୍ରା କରିବକୁ ପ୍ରସ୍ତୁତି କରିଛି ଇସ୍କନ। ୟୁଏସ୍ଏ ଓ କାନାଡାର ୨୮ଟି ସ୍ଥାନରେ, ୟୁକେ ଏବଂ ୟୁରୋପର ୨୮ଟି, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ୨ଟି ଏବଂ ଆଫ୍ରିକା, ଏସିଆ ଓ ରୁଷିଆର ଗୋଟିଏ ଲେଖାଏଁ ସ୍ଥାନରେ ଅଦିନିଆ ରଥଯାତ୍ରା କରିବ ଇସ୍କନ । ଅଦିନିଆ ରଥଯାତ୍ରାକୁ କଡା ବିରୋଧ ସତ୍ତ୍ୱେ ୨୦୨୫ରୁ ଏଯାବତ୍ ବିଦେଶରେ ୨୯ ସ୍ଥାନରେ ଅଦିନିଆ ରଥଯାତ୍ରା କରିସାରିଛି ଇସ୍କନ । ସେହିପରି ୨ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା ମଧ୍ୟ

## ଦୁଇଟି ଅଦିନିଆ ସ୍ନାନ ପୂର୍ଣ୍ଣିମା ପାଇଁ ଯୋଜନା

କରିଛି । ଆଗକୁ ଆହୁରି ୮ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା କରିବାକୁ ପ୍ରସ୍ତୁତି କରିଛି । ଅଦିନରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କ୍ଷତିକାରଣ ହେବା ସହ ଏନେଇ ଶାସ୍ତ୍ରୀୟ ନିର୍ଦ୍ଦେଶ ନଥିବା ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନ ଓ ପଣ୍ଡିତମାନେ ମତ ଦେଉଛନ୍ତି । ଗଜପତି ମଧ୍ୟ ଏନେଇ ଇସ୍କନକୁ ଚିଠି କରି ଜଣାଇଛନ୍ତି। ତଥାପି ଇସ୍କନ ବିଦେଶରେ ଅଦିନରେ ଏହି ଉତ୍ସବ ପାଳନରୁ ବିରତ ହେଉନି । ଏନେଇ ସୂଚନା ପହଞ୍ଚିବା ପରେ ବିରୋଧ ଜୋରଦାର୍ କରିବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି ।

# ଝିଅ ସାମ୍ନାରେ ଗର୍ଭବତୀ ମାଆକୁ ହତ୍ୟା

ହିଞ୍ଜିଳିକାଟୁ,୫।୫(ନି.ପ୍ର.): ନିଜ ଅଧିକାର ପାଇବା ପାଇଁ ସଂଘର୍ଷ କରୁଥିବା ଜଣେ ମହିଳା ଶେଷରେ ହାରି ଯାଇଛନ୍ତି। ମହିଳା ଜଣକ ନିଜ ଅଧିକାର ପାଇବା ପାଇଁ ପ୍ରେମିକର ଘରେ ଧାରଣା ଦେଇଥିଲେ। ସେ ନିଜ ପ୍ରେମିକଙ୍କୁ ପାଇବା ପାଇଁ ଜିଦ୍ ଧରି ବସିଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି। ପ୍ରେମିକର ଭାଇ ରାଗରେ ଜର୍ଜରିତ ହୋଇ ମହିଳାଙ୍କୁ ହତ୍ୟା କରିଛି। ମହିଳାଙ୍କ ରକ୍ତ ଜୁଡୁବୁଡୁ ଶରୀର ଘରର ଚଟାଣ ଉପରେ ପଡିଥିବା ବେଳେ ନିଷ୍ପାପ ଶିଶୁଟି ମା'...ମା'... ବୋଲି କାନ୍ଦୁଛି। ତା'ର ଆଖିରୁ ଲୁହ ବନ୍ଦ କରିବା ପାଇଁ ଆଉ କେହି ନାହାନ୍ତି। ମା' ଚାଲିଗଲା ପରେ ସେ ଏବେ କେମିତି ବଞ୍ଚିବ ଏବଂ ବଡ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଧୀନ କେ ଖରିଡା ଗାଁରେ ମଙ୍ଗଳବାର ଅପରାହ୍ଣରେ ଏହି ଅଭାବନୀୟ ଘଟଣା ଘଟିଛି। ଅଭିଯୁକ୍ତ ଲିଟୁ ଗୌଡକୁ ପୁଲିସ ଅଟକ ରଖିଛି।

ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଧୀନ କେ ଖରିଡା ଗାଁର ଚିଣ୍ଟୁ ଗୌଡଙ୍କ ସହିତ ରମ୍ଭା ଥାନା ଅନ୍ତର୍ଗତ ପୂଜା ସ୍ୱାଇଁଙ୍କର ପ୍ରାୟ ୪ ବର୍ଷ ପୂର୍ବରୁ ଇନ୍‌ଷ୍ଟାଗ୍ରାମରେ ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା। ପରେ ଉଭୟ ଚିଣ୍ଟୁ ଏବଂ ପୂଜା ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା କରିଥିଲେ। ସଂପର୍କ ଅତି ନିକଟତର ହେଲା ପରେ ସେମାନେ ଫେରାର ହୋଇଯାଇଥିଲେ। ଅନ୍ୟ ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରି ଜୀବନ ବିତାଉଥିଲେ। ସେମାନଙ୍କର ୩ବର୍ଷ ବୟସର ଏକ ଶିଶୁକନ୍ୟା ଅଛି। କୁହାଯାଉଛି ଯେ, ପୂଜା ୪ମାସର ଗର୍ଭବତୀ ଥିଲେ। ତେବେ କିଛି ମାସ ପୂର୍ବରୁ ପୂଜା ଏବଂ ଶିଶୁକନ୍ୟାକୁ ନେଇ ଚିଣ୍ଟୁ ନିଜ ପୈତୃକ ଘର କେ ଖରିଡାକୁ ନେଇ ଫେରିଥିଲେ।

ପ୍ରାୟ ୧୫ ଦିନ ପୂର୍ବରେ ଘଟଣା। ବାହାର ରାଜ୍ୟକୁ କାମ କରିଯିବାକୁ କହି ପୂଜା ଏବଂ ଶିଶୁକନ୍ୟାକୁ ନେଇ ଚିଣ୍ଟୁ ଘରୁ ବାହାରି ଥିଲେ। ଉଭୟ ମା' ଏବଂ ଝିଅଙ୍କୁ ନେଇ ସେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ଥିଲେ। କିନ୍ତୁ ସେଠାରେ ସେ ମା'-ଝିଅଙ୍କୁ ଗୋଟିଏ ସ୍ଥାନରେ ବସାଇ ଦେଇ ଶୌଚାଳୟ ଯିବା ବାହାନାରେ ଖସି ପଳାଇ ଯାଇଥିଲେ। ରେଳ ଷ୍ଟେସନରେ ପୂଜା ରାତିସାରା ଉଜାଗର ରହିଥିଲେ ମଧ୍ୟ ଚିଣ୍ଟୁ ଆଉ ଫେରି ନଥିଲେ।

ମାମଲା ନେଇ ତିନି ଦିନ ପୂର୍ବରୁ ପୂଜା ହିଞ୍ଜିଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୁଲିସ ପରାମର୍ଶ ଦେଇଥିଲା ଯେ, ସ୍ୱାମୀ-ସ୍ତ୍ରୀ ଏକାଠି ରୁହନ୍ତୁ। ପୁଲିସର ପରାମର୍ଶ ଅନୁସାରେ ପୂଜା ଆଜି ପ୍ରେମିକର ଘର ଆଗରେ ଧାରଣା ଦେଇଥିଲେ। ମାମଲାର ସମାଧାନ ପାଇଁ ପୁଲିସ ଏବଂ ମିଡିଆ ପ୍ରତିନିଧିମାନେ ଆଜି ପୂର୍ବାହ୍ଣରେ ଚିଣ୍ଟୁଙ୍କ ଘରେ ପହଞ୍ଚି ଥିଲେ। ପୂଜା ଗଣମାଧ୍ୟମକୁ ବୟାନ ମଧ୍ୟ ଦେଇଥିଲେ। ଏହି ସମୟରେ ଚିଣ୍ଟୁ ଗେଡର ଭାଇ ଲିଟୁ ସବୁ ଦେଖୁଥିଲା। ପୁଲିସ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ସେଠାରୁ ଫେରିଯିବା ପରେ ଉତ୍ତେଜିତ ହୋଇ ପୂଜାଙ୍କୁ କୁରିରେ ଆକ୍ରମଣ କରିଥିଲା। ଆକ୍ରମଣର ଶିକାର ହୋଇ ପୂଜା ଆଖି ବୁଜିଥିଲେ।

ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା କରିଛି। ନିଷ୍ପାପ ଶିଶୁକୁ ପୁଲିସ ରଖିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଓଡ଼ିଶା ବିଚାରପତିଙ୍କ ନକାରାତ୍ମକ ସର୍ତ୍ତକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

କଟକ,୫।୫(ନି.ପ୍ର.): ରାୟଗଡ଼ା ଜିଲା କାଶୀପୁର ଥାନା ଭଙ୍ଗାରୁଜା ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ୨୦୨୫ ମେ ୯ତାରିଖରେ ଦେଇଥିବା ଆଦେଶକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ଜାତିର ଅଭିଯୁକ୍ତଙ୍କୁ ଜାମିନ ପାଇଁ ଥାନା ସଫା କରିବା ଭଳି ସର୍ତ୍ତ ରଖାଯିବା ଘଟଣାରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ନିଜ ଆଡୁ(ସୋ ମୋଟୋ) ଗ୍ରହଣ କରି ଏଭଳି ସର୍ତ୍ତକୁ ଅବୈଧ ବା ନଲ୍ ଆଣ୍ଡ ଭଏଡ୍ ଘୋଷଣା କରିଛନ୍ତି। ଏଥିସହିତ ଏଭଳି କ୍ରୁର ପ୍ରଥାକୁ ବନ୍ଦ କରିବାକୁ ଅଦାଲତଗୁଡ଼ିକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏଭଳି ସର୍ତ୍ତ ଏକ ପୂର୍ବ ନିର୍ଦ୍ଧାରିତ ମାନସିକତା ଏବଂ ପକ୍ଷପାତକୁ ଦର୍ଶାଉଛି। ଏହା ଓଡ଼ିଶା ନ୍ୟାୟପାଳିକା ଉପରେ ଜାତିଗତ ଭେଦଭାବର ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଅତ୍ୟନ୍ତ ଘୃଣ୍ୟ, କ୍ରୁର, ଅପମାନଜନକ ଏବଂ ଆଇନ ବିରୋଧୀ। ଆମ ଦେଶର ନିୟମ ଅନୁସାରେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ଅଟନ୍ତି। କିଛି ନ୍ୟାୟିକ ଅଧିକାରୀ କେବଳ ଅଭିଯୋଗ ଆଧାରରେ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଦୋଷୀ ବୋଲି ଧରିନେଇ ଏଭଳି ଅମାନୁଷିକ ସର୍ତ୍ତ ରଖିବା ଅତ୍ୟନ୍ତ ନିରାଶାଜନକ। ଖଣ୍ଡପୀଠ ଆହୁରି କହିଛନ୍ତି, ୨୦୨୬ ମସିହାରେ ନ୍ୟାୟପାଳିକା ଯଦି ଏଭଳି ବ୍ୟବହାର କରିବ, ତେବେ ଗତ ୭୫ ବର୍ଷର ସ୍ୱାଧୀନତା ଏବଂ ମୁକ୍ତିର କୌଣସି ଅର୍ଥ ରହିବ ନାହିଁ।

ସୂଚନାଯୋଗ୍ୟ, ରାୟଗଡ଼ା ସିଜିମାଳିରେ ଖଣି ଖନନକୁ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ହେଲେ ସମ୍ପୃକ୍ତ କମ୍ପାନୀ ପୋଲିସ ଏବଂ ପ୍ରଶାସନକୁ ହାତେଇ ବିରୋଧ ପ୍ରଦର୍ଶନ କରୁଥିବା ଲୋକଙ୍କୁ ଜୁଲୁମ୍ କରୁଛି। ୨୦୨୪ ସେପ୍ଟେମ୍ବର ୧୯ରେ କାର୍ତ୍ତିକ ନାଏକଙ୍କ ଗିରଫଦାରିକୁ ବିରୋଧ କରି କୁମ୍ଭେଶ୍ୱର ନାଏକଙ୍କ ନେତୃତ୍ୱ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ କାଶୀପୁର ଥାନା ଘେରାଓ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସ୍ଥାନୀୟ ତହସିଲଦାର ଲୋକମାନଙ୍କୁ ବୁଝାଶୁଝା କରିବା ପରିବର୍ତ୍ତ ଗିରଫ ଭୟ ଦେଖାଇଥିଲେ। ଏହାପରେ ଲୋକମାନେ ଥାନା ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ କୁମ୍ଭେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେ ଏହି ଗିରଫଦାରିଗୁ ବିରୋଧ କରି କୋର୍ଟରେ ଜାମିନ ଆବେଦନ କରିଥିଲେ। ତଳ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଡାହୁକ



କଙ୍କଡ଼ା ପ୍ରକୃତି ନେଇ

ବିରୋଧୀ କଂଗ୍ରେସ ବିଜେଡି ମଧ୍ୟରେ

ଖୋଳା ଖୋଲି ଚାଲେ ଗୋହି

ଦୁର୍ନୀତି ଉପରେ ଶୋଇ

ସରକାର ଆମ ଅଚିନ୍ତା ନିଦରେ

ନାହି ମୁଣ୍ଡେ ତେଲ ଥୋଇ।

-ବିଧୁ

# ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍

ନୂଆଦିଲ୍ଲୀ, ୫।୫(ନି.ପ୍ର.): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଣ୍ଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଆଗାମୀ ଦିନରେ ଶିକ୍ଷା ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଞ୍ଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । "ଫର୍ମ ଆଇଆଇଟିଏମ ଫର୍ ଭାରତ. ବିଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ ।

ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

## ଯୁବକଙ୍କୁ ହାଣି ବୁଲେଟ୍ ଚଢ଼ାଇବା ମାମଲା

# ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ପୁରୀ/କଣାସ/ସାକ୍ଷୀଗୋପାଳ,୦୫।୦୫(ନି.ପ୍ର.): ମୃତ୍ୟୁଞ୍ଜୟ ଭାରିମଲ ଆମକୁ ମାରିବାକୁ ଉଦ୍ୟମ କରିଥିଲା । ଗତ ୩୦ ତାରିଖରେ ଖଣ୍ଡା ଧରି ଗୋଡାଇଥିଲା । ଆମେ ବର୍ତ୍ତି ଯାଇଥିଲୁ। ସୁଯୋଗ ପାଇ ଏହାର ପ୍ରତିଶୋଧ ନେଲୁ । ଏକୁଟିଆ ଦେଖି ହାଣିଲୁ । ପୁରୀ ଜିଲ୍ଲା କଣାସରେ ଯୁବକଙ୍କୁ ପନିକିରେ ହାଣିବା ପରେ ବୁଲେଟ୍ ଚାଇବା ମାମଲାରେ ପୁଲିସ୍ ଆଗରେ ଏଭଳି ତଥ୍ୟ ରଖିଛନ୍ତି ଅଭିଯୁକ୍ତମାନେ । ମାମଲାରେ ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଣାସ ଥାନା ଅଧୀନ ଦୋକନ୍ଦାର ନିରଞ୍ଜନ ବଡଜେନା ଓରଫ ଧରମା (୨୧), ସାହାଣାର ଚନ୍ଦ୍ରକାନ୍ତ ଜେନା ଓରଫ ବାପି (୩୯), ତେନ୍ତୁଳିମୂଳର ଚିନ୍ମୟ ଗଜେନ୍ଦ୍ର ଓରଫ ପିଣ୍ଟୁ (୨୦) ଓ ସିରେଇ ଗ୍ରାମର ଅଜୟ ବଳିୟାରସିଂହ। ଏମାନଙ୍କଠାରୁ ଏକ ମୋବାଇଲ୍ ଓ ଆକ୍ରମଣରେ ବ୍ୟବହୃତ ପନିକି ଜବତ କରାଯାଇଥିବା ସତ୍ୟବାଦୀ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ । ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁଧାଂଶୁ ମହାପାତ୍ର ଓରଫ୍ ହାପି ଫେରାର୍ ରହିଛି । ଆଜି ଅଭିଯୁକ୍ତଙ୍କୁ ନେଇ ଆଜି ସିନ୍ ରିକ୍ରିଏସନ କରିଛି କଣାସ ପୁଲିସ।



# ପ୍ରୁଡେଂଟ ଏଜ୍ ପ୍ଲସ୍ ଲଂଚ୍ କଲା : ମ୍ୟୁଚୁଆଲ୍ ଫଣ୍ଡ ବିତରକମାନଙ୍କ ବ୍ୟବସାୟ ବୃଦ୍ଧି କରିବା ପାଇଁ ଏକ ଏଆଇ-ପାୱାରଡ୍ ପ୍ଲାଟଫର୍ମ

**ନୂଆଦିଲ୍ଲୀ, ୫।୫ (ନି.ପ୍ର):** ମ୍ୟୁଚୁଆଲ୍ ଫଣ୍ଡ ବିତରକମାନଙ୍କ (ଏମଏଫଡିଏସ) ପାଇଁ ଏକ ଅଗ୍ରଣୀ ଫିନଟେକ୍ ପ୍ଲାଟଫର୍ମ, ପ୍ରୁଡେଂଟ କର୍ପୋରେଟ୍ ଆଡଭାଇଜରୀ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଏହାର ଏଆଇ-ପାୱାରଡ୍ ବ୍ୟବସାୟ ପରିଚାଳନା ଉପକରଣ ଲଂଚ୍ ଘୋଷଣା କରିଛି ଯାହା ଅଂଶୀଦାରମାନଙ୍କୁ ସ୍ମାର୍ଟ ଯୋଜନା, ଗ୍ରାହକମାନଙ୍କୁ ଭଲ ସେବା, ଦ୍ରୁତ ବଜାର ଏବଂ ସଠିକତା ସହିତ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ମ୍ୟୁଚୁଆଲ୍ ଫଣ୍ଡ ବିତରକ ବ୍ୟବହାର କରୁଥିବା ସଫ୍ଟୱେର୍ ଦ୍ୱାରା କେବେ ଜଣେ କ୍ଲାଏଂଟଙ୍କୁ ଜାଣିପାରିବ ନାହିଁ। ତାହା ହେଉଛି ଇମୋସନାଲ କ୍ୟୁଟେଂଟ (ଇକ୍ୟୁ), ଏବଂ ଏହା ଅଂଶୀଦାରଙ୍କ ସହିତ ରହିଥାଏ। ଏଜ୍ ପ୍ଲସ୍ ହେଉଛି ଇଟେଂଲିଜେନ୍ସ କ୍ୟୁଟେଂଟ(ଆଇକ୍ୟୁ), ସମର୍ଥନ ପ୍ରଣାଳୀ ଯାହା ପ୍ରତ୍ୟେକ ଅଂଶୀଦାରଙ୍କୁ ଦ୍ରୁତ, ତୀକ୍ଷ୍ଣ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବ। ଏଜ୍ ପ୍ଲସ୍ ଦୁଇଟି ଫଳାଫଳ ଉପରେ ନିର୍ମିତ ଯାହା ଜଣେ ଅଂଶୀଦାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ବୃଦ୍ଧି ଏବଂ କମ୍ ସମୟ ଲାଗିଥାଏ। ବିତରକମାନେ ଏବେ କିଛି ମିନିଟ୍ ମଧ୍ୟରେ କ୍ଲାଏଂଟମାନଙ୍କୁ ଲକ୍ଷ୍ୟ-ଆଧାରିତ ସମାଧାନ ପ୍ରଦାନ କରିପାରିବେ। ଜଣେ କ୍ଲାଏଂଟଙ୍କ ରିସ୍କ ପ୍ରୋଫାଇଲ୍ ଏବଂ ନିବେଶ ଇନପୁଟ୍ କରି, ଏଆଇ ତୁରନ୍ତ ଇକ୍ୱିଟି, ଋଣ ଏବଂ ହାଇବ୍ରିଡ୍ ଉପକରଣଗୁଡ଼ିକରେ ଏକ ସର୍ବୋତମ ଆସେଟ୍ ଆବଂଟନ ସୃଷ୍ଟି କରି କ୍ୟୁରେଟେଡ୍ ସ୍କିମ୍ ସୁପାରିଶ କରିଥାଏ। ଅଂଶୀଦାରମାନେ ଏକ ପ୍ରସ୍ତୁତ ଇମେଲ୍ ଯୋଗାଯୋଗ ପଠାଇପାରିବେ ଏବଂ ସମାନ ଏଆଇ-ଚାଳିତ ସ୍କ୍ରିନ୍ ରୁ କାରବାର ଆରମ୍ଭ କରିପାରିବେ। ବିତରକମାନେ ଏବେ ସେମାନଙ୍କର ବିଦ୍ୟମାନ ବୁକ୍‌ରେ ବସି ପ୍ରତ୍ୟେକ ଅଭିବୃଦ୍ଧି ସୁଯୋଗକୁ ଚିହ୍ନଟ କରିପାରିବେ ଏବଂ କାର୍ଯ୍ୟ କରିପାରିବେ। ବୟସ ଅନୁଯାୟୀ ଏବଂ ଏୟୁଏମ ଅନୁଯାୟୀ ବିଭାଗୀକରଣ ବିତରକମାନଙ୍କୁ ଗ୍ରାହକମାନଙ୍କ ପାଇଁ ଉପଯୁକ୍ତ ଉତ୍ପାଦ ପିଚ୍ କରିବାରେ ସାହାଯ୍ୟ କରିପାରିବ। ବଡ଼ ଏମଏଫ୍ ଏୟୁଏମ୍ କିନ୍ତୁ କୌଣସି ବ୍ରୋକିଂ ଆକାଉଂଟ ନାହିଁ, କୌଣସି କିମ୍ବା କମ୍ ଏସଆଇପି, ୫୦ ଲକ୍ଷରୁ ଅଧିକ ଷ୍ଟକ୍ ପୋର୍ଟଫୋଲିଓ ପିଏମଏସ ଅନୁସନ୍ଧାନ କରିବାକୁ ଥିବା ଗ୍ରାହକମାନଙ୍କ ସହିତ ଯୋଗାଯୋଗ କରି ଶେଷ ଏସଆଇପି କିମ୍ବା ହ୍ରାସ ପାଉଥିବା ନିଟ୍ ବିକ୍ରୟ ଧାରା ଉପଲବ୍ଧ କରାଇବ। ବାହ୍ୟ ଏୟୁଏମ ଡାଟା ଅଧିକ ସୂଚନାପ୍ରଦ ବାର୍ତ୍ତାଳାପ ପାଇଁ ସୁବିଧା ପ୍ରଦାନ କରିଥାଏ। ଏଥିରେ କ୍ଲାଏଂଟ ଯୋଗାଯୋଗଗୁଡ଼ିକ ବିଲ୍ଟ ଇନ୍ ହୋଇଥାଏ, ଯାହା ସଠିକ୍ ସମୟରେ ସଠିକ୍ ବାର୍ତ୍ତା ସହିତ ସଠିକ୍ କ୍ଲାଏଂଟଙ୍କ ପାଖରେ ପହଂଚିବା ସହଜ କରିଥାଏ। ଏଜ୍ ପ୍ଲସ୍ ବିଲ୍ଟ-ଇନ୍ ମାର୍କେଟିଂ ମଡ୍ୟୁଲ୍ ବିତରକମାନଙ୍କୁ ଏସଆଇପି ଏବଂ ଏକାଧିକ ଅଭିଯାନ ଚଲାଇବାକୁ, ଇଭେଂଟ-ଆଧାରିତ ଆଉଟରିଚ୍ ଚଲାଇବାକୁ ଏବଂ ବିଦ୍ୟମାନ ତଥା ସମ୍ଭାବ୍ୟ କ୍ଲାଏଂଟଙ୍କୁ ବଲ୍କ ଇମେଲ୍ ପଠାଇବାକୁ ସକ୍ଷମ କରିଥାଏ। ସମସ୍ତ ପ୍ଲାଟଫର୍ମ ଏଆଇ ଇଂଜିନ୍ ଦ୍ୱାରା ପରିଚାଳିତ। ବିଦ୍ୟମାନ ଏବଂ ସମ୍ଭାବ୍ୟ କ୍ଲାଏଂଟଙ୍କ ପାଖରେ ପହଂଚିବା ପୂର୍ବରୁ କେବେ ମଧ ଏତେ ଦ୍ରୁତ ଏବଂ ଦକ୍ଷ ନଥିଲା। ଏଜ୍ ପ୍ଲସ୍ ଗବେଷଣା ମଡ୍ୟୁଲ୍ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ପାଣ୍ଠି ପାରାମିଟରକୁ ବିତରକଙ୍କ ପାଇଁ ସହଜ କରିଥାଏ। ପି/ଇ, ପି/ବି, ବିଟା, ଶାର୍ପ ଅନୁପାତ, ଜେନସେନର ଆଲଫା, ମାର୍କେଟ୍ କ୍ୟାପ୍ ବଂଟନ, ସେକ୍ଟର ଏକ୍ସପୋଜର, ରୋଲିଂ ରିଟର୍ଣ୍ଣ ଆଦି ଏହା ଦ୍ୱାରା ସହଜ ହୋଇଥାଏ। ଫଳରେ ଟୁଲସ୍ ମଧ୍ୟରେ ପରିବର୍ତ୍ତନ କିମ୍ବା ତଥ୍ୟ ଖୋଜିବାର ଆବଶ୍ୟକତା ନଥାଏ। ଏକ ପାଣ୍ଠିର ମୂଲ୍ୟାଙ୍କନ ଏବଂ ସୁପାରିଶ କରିବା ପାଇଁ ଆବଶ୍ୟକ ସମସ୍ତ ଜିନିଷ ଗୋଟିଏ ସ୍ଥାନରେ ରହିଛି। ନିର୍ଣ୍ଣୟ ହେବା ପରେ, ବିତରକମାନେ ଇମେଲ୍ କିମ୍ବା ହ୍ୱାଟ୍ସଆପ୍ ମାଧ୍ୟମରେ ତୁରନ୍ତ ଏକ ଫଣ୍ଡଜ୍ କାର୍ଡ, ଏକ ସ୍ଲିକ୍ କ୍ଲାଏଂଟ-ପ୍ରସ୍ତୁତ ପାଣ୍ଠି ସାରାଂଶ ସେୟାର କରିପାରିବେ। ରିସର୍ଚ୍ଚ ସରିଛି ବୋଲି ଗ୍ରାହକଙ୍କୁ କିଛି ମିନିଟ୍ ମଧ୍ୟରେ ସୂଚନା ଦିଆଯାଇ ପାରିବ। ମ୍ୟୁଚୁଆଲ୍ ଫଣ୍ଡ କ୍ଷେତ୍ରରେ ବିତରକ ଏଜ୍ ପ୍ଲସ୍ ମାଧ୍ୟମରେ ନିଜକୁ ବହୁ-ଉତ୍ପାଦ ବିତରକ ଭାବରେ ଉପସ୍ଥାପନ କରିପାରିବେ। ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା, ବ୍ରୋକିଂ, ପିଏମଏସ/ଏଆଇଏଫ, ସ୍ଥିର ଜମା, ବଣ୍ଡ, ମ୍ୟୁଚୁଆଲ୍ ଫଣ୍ଡ ଏବଂ ଏନପିଏସ ଋଣ ପ୍ରଦାନ ସହଜରେ କର ପାରିବେ। ପ୍ରତ୍ୟେକ ମଡ୍ୟୁଲ୍ ମଧ୍ୟରେ, ବିତରକମାନେ ପ୍ରୁଡେଂଟ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପିଡିଏଫ ସେୟାର କରିପାରିବେ। ଏହା ଦ୍ୱାରା ନିର୍ବିଘ୍ନ କ୍ରସ୍-ସେଲିଂ, ସୁଦୃଢ଼ କ୍ଲାଏଂଟ ସମ୍ପର୍କ ଜାରି ରଖି ମ୍ୟୁଚୁଆଲ୍ ଫଣ୍ଡର ବୃଦ୍ଧିରେ ସହାୟକ ହେବ। ଏଜ୍ ପ୍ଲସ୍ ଏଆଇ ପ୍ଲାଟଫର୍ମର ବିଟା ସଂସ୍କରଣରେ ଲାଇଭ ଭାବେ ସମ୍ପ୍ରତି ସମସ୍ତ ମ୍ୟୁଚୁଆଲ୍ ଫଣ୍ଡ ବିତରକ ଅଂଶୀଦାରଙ୍କ ପାଇଁ ଉପଲବ୍ଧ ହେଉଛି।

# ଆସନ୍ତା ୯ରେ ସମସ୍ତ ବିଦ୍ୟୁତ୍ ଚୋରି ମାମଲାର ହେବ ସହଜ ସମାଧାନ: ଟିପିଡବ୍ଲ୍ୟୁଓଡିଏଲ୍

**ବୁର୍ଲା,୫।୫ (ନି.ପ୍ର) :**ଆସନ୍ତା ୦୯ ମେ ୨୦୨୬(ଶନିବାର) ସକାଳ ୧୦:୦୦ ରୁ ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପିୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ମଧ୍ୟ ଅଂଶ ଗ୍ରହଣ କରୁଅଛି । ଏଣୁ କମ୍ପାନୀ ପକ୍ଷରୁ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁସୂଚିତ କରାଯାଉଅଛି ଯେ, ଆସନ୍ତା ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନରହିଥିବା ସେମାନଙ୍କର ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ସର୍ବାଧିକ ଲାଭ ଉଠାଇପାରିବେ । ଏହି ପଦକ୍ଷେପ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ଉପାୟରେ ବିଚାରାଧୀନ ଥିବାସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଅଛି । ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେକମ୍ପାନୀ ପକ୍ଷରୁ ଏହାର ସମସ୍ତ ସବ-ଡିଭିଜନାଲ୍ (ଏସଡିଓ) ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି । ଯେଉଁଠାରେ ଲୋକ ଅଦାଲତ ସମୟରେ ଡକ୍ୟୁମେଣ୍ଟସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବ । ସୂଚନାଥାଉ କି, ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ନିମନ୍ତେ ପଞ୍ଜୀକରଣ ଏବଂ ଆବଶ୍ୟକୀୟ ପ୍ରାରମ୍ଭିକ ଔପଚାରିକତା ସମାପ୍ତ କରିବା ପାଇଁ ଗ୍ରାହକମାନେ ଯଥାଶୀଘ୍ର ସେମାନଙ୍କର ନିକଟତମ ସବ-ଡିଭିଜନାଲ୍‌କିମ୍ବା ସେକ୍ସନ ଅଫିସ ଭ୍ରମଣ କରିବା ପାଇଁ କମ୍ପାନୀ ପକ୍ଷରୁପରାମର୍ଶ ଦିଆଯାଉଅଛି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାୟଗଡା ଏବଂ କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର ୫।୫ (ନି.ପ୍ର):** ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ଆଭ୍ୟ'ରୀଣ ଅଂଚଳରେ, ସ୍ୱାସ୍ଥ୍ୟସେବାର ସୁବିଧା ଦୂରତା, ଭୂଭାଗ ଏବଂ କମ୍ ସଚେତନତା ଦ୍ୱାରା ପରିଚାଳିତ ହେଉଛି। ଏଠାକାର ଗ୍ରାମଗୁଡ଼ିକ ମୁଖ୍ୟତଃ ବିକ୍ଷିପ୍ତ ଏବଂ ପରିବହନ ବିକଳ୍ପ ସୀମିତ, ସ୍ଥାନୀୟ ଜନସଂଖ୍ୟାର ଅନେକ ଅଂଶ ବାସ ଏବଂ କାର୍ଯ୍ୟ କରୁଥିବା ସ୍ଥାନଠାରୁ ଦୂରରେ ଅର୍ଦ୍ଧ-ସହରୀ ଅଂଚଳରେ ଚିକିତ୍ସା ସୁବିଧା କେନ୍ଦ୍ରିତ। ଏହି ପରିସ୍ଥିତି ମ୍ୟାଲେରିଆ ଭଳି ଋତୁକାଳୀନ ରୋଗର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେ ସୃଷ୍ଟି କରିଛି ଯାହାକି ଚିକିତ୍ସାରେ ବିଳମ୍ବ ଘଟାଉଛି। ଏହି ଭୟଙ୍କର ପରିସ୍ଥିତି ପୂର୍ବରୁ ଦୁର୍ବଳ ପରିବାର, ବିଶେଷକରି ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟ ଉପରେ ଚାପ ପକାଇଛି। ଏହି ଜିଲ୍ଲାଗୁଡ଼ିକରେ, ଯେଉଁଠାରେ ଭୌଗୋଳିକ ଏବଂ ଜୀବିକା ପ୍ରତିବନ୍ଧକ ଦ୍ୱାରା ସ୍ୱାସ୍ଥ୍ୟସେବା ଉପଲବ୍ଧତା ପ୍ରାୟତଃ ବାଧାପ୍ରାପ୍ତ ହୁଏ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଯତ୍ନର ନିରନ୍ତରତା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ଆରୋଗ୍ୟ, ରାୟଗଡା ଏବଂ କଳାହାଣ୍ଡିର ଜୀବନ୍ତ ବାସ୍ତବତାରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ତ୍ୱରାନ୍ୱିତ କରେ। କେବଳ ଆର୍ଥିକବର୍ଷ୨୬ ରେ, ଏହି ପଦକ୍ଷେପ ଦୁଇଟି ଜିଲ୍ଲାର ପ୍ରାୟ ୧.୨୬ ଲକ୍ଷ ଲୋକଙ୍କୁ ଲାଭ ଦେଇଛି ଏବଂ ଏହା ଲୋକମାନଙ୍କ ପାଖରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ପହଂଚାଇଛି, ପ୍ରତିରୋଧକ ସଚେତନତା ସୃଷ୍ଟି କରୁଛି ଏବଂ ଜରୁରୀକାଳୀନ ଏବଂ ରେଫରାଲ୍ ସହାୟତାକୁ ସୁଦୃଢ଼ କରୁଛି। ପ୍ରକଳ୍ପ ଅନ୍ତର୍ଗତ ସବୁଠାରୁ ଦୃଶ୍ୟମାନ ହସ୍ତକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସୁସଜ୍ଜିତ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ସ୍ଥାପନ, ଯାହା ବର୍ତ୍ତମାନ ନିୟମିତ ଭାବରେ ରାୟଗଡା ଏବଂ କଳାହାଣ୍ଡିର ଦୂରବର୍ତ୍ତୀ ଅଂଚଳରେ ୧୦୦+ ଗ୍ରାମକୁ କଭର କରୁଛି। ପୋର୍ଟେବଲ୍ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିବା ଏହି ୟୁନିଟ୍ ପରାମର୍ଶ, ନିଦାନ ଏବଂ ଔଷଧ ପ୍ରଦାନ କରୁଛି, ବିଶେଷକରି ସେହି ସ୍ଥାନଗୁଡ଼ିକରେ ଯେଉଁଠାରେ ନିକଟତମ ସ୍ୱାସ୍ଥ୍ୟ ସୁବିଧା କିଛି କିଲୋମିଟର ଦୂରରେ ଥାଇପାରେ। ଅନେକ ବାସିନ୍ଦାଙ୍କ ପାଇଁ, ଏହା ତାଲିମପ୍ରାପ୍ତ ଡାକ୍ତରୀ ବୃତିଗତଙ୍କ ସହିତ ସେମାନଙ୍କର ପ୍ରଥମ ସ୍ଥିର ଯୋଗାଯୋଗର ବିନ୍ଦୁ ହୋଇଛି।



# ଜିନ୍ଦଲ ଷ୍ଟେନଲେସର ତ୍ରୈମାସିକ ଏବଂ ଆର୍ଥିକବର୍ଷ ପାଇଁ ଫଳାଫଳ ଘୋଷଣା

**ଭୁବନେଶ୍ୱର, ୫।୫ (ନି.ପ୍ର) :** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ ଏଲ୍ )ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଆଜି ମାର୍ଚ୍ଚ ୩୧, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଆର୍ଥିକ ବର୍ଷ ପାଇଁ ଫଳାଫଳ ଘୋଷଣା କରିଛନ୍ତି । ଆର୍ଥିକ ବର୍ଷ ୨୬ରେ, କମ୍ପାନୀ ୨୫,୬୫,୯୦୨ ଟନ୍ ର ସାମଗ୍ରୀ ବିକ୍ରୟ ପରିମାଣ ରେକର୍ଡ କରିଛି। ଯାହା ବର୍ଷକୁ ବର୍ଷ (ୱାଇ-ଓ-ୱାଇ) ଅଭିବୃଦ୍ଧି ୮.୧% ରେକର୍ଡ କରିଛି ।ସାମଗ୍ରିକ ଭାବରେ, ନିଟ୍ ରାଜସ୍ୱ ବାର୍ଷିକ ୯.୩% ବୃଦ୍ଧି ପାଇ ୪୨,୯୫୫ କୋଟି ଟଙ୍କାରେ ପହଂଚିଛି । ଏଥିସହିତ ଇବିଆଇଟିଡିଏ ୫,୫୬୦ କୋଟି ଟଙ୍କାରେ ପହଞ୍ଚିଛି । ଯାହା ପୂର୍ବ ବର୍ଷ ତୁଳନାରେ ୧୯.୨% ବୃଦ୍ଧି ପାଇଛି ଏବଂ ଟିକସ ପରେ ଲାଭ (ପିଏଟି) ୨୭.୪% ବାର୍ଷିକ ବୃଦ୍ଧି ପାଇ ୩,୧୮୫ କୋଟି ଟଙ୍କାରେ ପହଂଚିଛି । ଆର୍ଥିକ ବର୍ଷ ୨୬ରେ ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ, କମ୍ପାନୀର ପ୍ରସ୍ତୁତ ସାମଗ୍ରୀ ଷ୍ଟାଣ୍ଡଏଲୋନ୍ ବିକ୍ରୟ ପରିମାଣ ୬,୪୧,୭୪୩୬ ଟନ୍ ଥିଲା । ସେହିଭଳି,ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ନିଟ୍ ରାଜସ୍ୱ ୧୧,୩୩୭ କୋଟି ଟଙ୍କା ଥିଲା । ଇବିଆଇଟିଡିଏ ୩୭.୧% ବର୍ଷକୁ ବର୍ଷ ବୃଦ୍ଧି ପାଇ ୧,୪୫୫ କୋଟି ଟଙ୍କାରେ ପହଂଚିଛି, ଯାହା ଶକ୍ତିଶାଳୀ ପରିଚାଳନା ଦକ୍ଷତାକୁ ଦର୍ଶାଉଛି । ଯେତେବେଳେ ପ୍ୟାଟ୍ ୪୧.୪% ବର୍ଷକୁ ବର୍ଷ ବୃଦ୍ଧି ପାଇ ଭାରତୀୟ ମୁଦ୍ରାରେ ୮୩୫କୋଟିରେ ପହଂଚିଛି । କମ୍ପାନୀର ଏହି ପ୍ରଦର୍ଶନ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସ୍ ପାଇଁ ଆର୍ଥିକ ବର୍ଷ୨୬ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଯାହା ସ୍ଥିର ଅଭିବୃଦ୍ଧି, ରଣନୀତିକ କାର୍ଯ୍ୟକାରିତା ଏବଂ ପରିଚାଳନା ଏବଂ ବ୍ରାଣ୍ଡ ବିଲ୍ଡିଂରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଦୃଢ ଘରୋଇ ଚାହିଦା ଏବଂ ବିଭିନ୍ନ କ୍ଷେତ୍ରରେ ବଢୁଥିବା ଷ୍ଟେନଲେସ୍ ଷ୍ଟିଲର ଗ୍ରହଣୀୟତା ଯୋଗୁଁ ଆମେ ଆମର ମୂଲ୍ୟଯୁକ୍ତ ବିଭାଗ ଏବଂ ଡାଉନଷ୍ଟ୍ରିମ୍ କ୍ଷମତାକୁ ମଜଭୁତ କରିବା ଜାରି ରଖିଛୁ ଏବଂ ଅଭିବୃଦ୍ଧି କରୁଛୁ। କ୍ଷମତା ବୃଦ୍ଧି ଏବଂ ଆପ୍ଲିକେସନକୁ ବିସ୍ତାର କରିବା, ମୂଲ୍ୟ ଦକ୍ଷତା ବଜାୟ ରଖିବା ଏବଂ ଉତ୍ପାଦନର ଉତ୍କର୍ଷତା ଉପରେଆଗକୁ ଆମର ଧ୍ୟାନ ରହିବ। ଯାହା ଆର୍ଥିକ ବର୍ଷ ୨୯ସୁଦ୍ଧା ଯ୩.୫ଏମଟିପିଏ ବିକ୍ରୟ ପରିମାଣ ହାସଲ କରିବ। ମଧ୍ୟପ୍ରାଚ୍ୟ ସଙ୍କଟ ଏବଂ ଭାରତର ଉଦାରବାଦୀ ବାଣିଜ୍ୟ ନୀତି ଯୋଗୁଁ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ ଏକ ଆହ୍ୱାନମୂଳକ ପରିବେଶରେ କାର୍ଯ୍ୟ ଜାରି ରଖିଛି । ଶସ୍ତା, ନିମ୍ନମାନର ଆମଦାନୀକୁ ନେଇ ଚିନ୍ତା ରହିଛି ଏବଂ ଶିଳ୍ପ ତରଫରୁ ଆମେ ବେଆଇନ ଆମଦାନୀକୁ ରୋକିବା ଏବଂ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପର ଦୀର୍ଘକାଳୀନ ସ୍ୱାର୍ଥ ରକ୍ଷା କରିବା ପାଇଁ ଏକ ଦୃଢ ନୀତିଗତ ଢାଂଚା ପାଇଁ ଉଦ୍ୟମ ଜାରି ରଖିଛୁ'। ଜେଏସଏଲର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଅଂଶୀଦାରମାନଙ୍କ ଅନୁମୋଦନ ଅନୁଯାୟୀ ଆର୍ଥିକ ବର୍ଷ୨୬ ପାଇଁ ଆଇଏନଆର ୩ ର ଚୂଡ଼ାନ୍ତ ଲାଭାଂଶ ଦେୟ ପାଇଁ ସୁପାରିଶ କରିଛନ୍ତି । ଯାହା ସମୁଦାୟ ଲାଭାଂଶ ଦେୟର ଆଇଏନଆର ୪ ଅର୍ଥାତ୍ ୨ ଟଙ୍କା ଫେସ୍ ଭାଲ୍ୟୁ ସହିତ ଇକ୍ୱିଟି ସେୟାର ପିଛା ୨୦୦% ପର୍ଯ୍ୟନ୍ତ ହେବ। ଏକୀକୃତ ନେଟ୍ ଡେଟ୍-ଟୁ-ଇକ୍ୱିଟି ଅନୁପାତ ଗତ ବର୍ଷ ୦.୨୪ ତୁଳନାରେ ୦.୧୫କୁ ବୃଦ୍ଧି ପାଇଛି । ଘରୋଇ କ୍ଷେତ୍ରରେ, କମ୍ପାନୀ ଏକ ସ୍ଥିର କାର୍ଯ୍ୟକ୍ଷମ ତଥା ଆର୍ଥିକ ଶକ୍ତିରେ ଉନ୍ନତ ପ୍ରଦର୍ଶନ କରିଛି। ଯାହା ଅଟୋମୋଟିଭ୍, ପାଇପ୍ ଏବଂ ଟ୍ୟୁବ୍, ମେଟ୍ରୋ, ଲିଫ୍ଟ ଏବଂ ଘରୋଇ ଉପକରଣ ସମେତ ବିଭିନ୍ନ କ୍ଷେତ୍ରରେ ଦୃଢ ଚାହିଦା ଉପରେ ଆଧାରିତ। ସେହିଭଳି ରପ୍ତାନୀ କ୍ଷେତ୍ରରେ କମ୍ପାନୀ ଭୌଗୋଳିକ ବିବାଦ ଏବଂ ଶୁଳ୍କ ଅନିଶ୍ଚିତତା ସତ୍ତ୍ୱେ କମ୍ପାନୀ ଏକ ଆହ୍ୱାନମୂଳକ ପରିସ୍ଥିତିରେ ମଧ୍ୟ ବିଶ୍ୱ ବଜାରରେ କାର୍ଯ୍ୟ ଜାରି ରଖିଛି । ଯାହାର ପରିଣାମ ସ୍ୱରୂପ ବାଣିଜ୍ୟ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏସବୁ ବାଦେ, ଜିନ୍ଦଲ ଷ୍ଟେନଲେସ୍ ନିରନ୍ତର ରପ୍ତାନି ପ୍ରଦର୍ଶନରେ ଉନ୍ନତ କରିଛି । ଏହି ତ୍ରୈମାସିକରେ ପଶ୍ଚିମ ଏସିଆକୁ ପ୍ରଭାବିତ କରୁଥିବା ଭୌଗୋଳିକ ଅନିଶ୍ଚିତତା ମଧ୍ୟରେ ଶକ୍ତି ସମ୍ବନ୍ଧୀୟ ପ୍ରତିବନ୍ଧକ ଦେଖାଦେଇଛି । ଯାହା ପ୍ରୋପେନ୍ / ଏଲପିଜି ଏବଂ ପ୍ରାକୃତିକ ଗ୍ୟାସ୍ ପରି ଶିଳ୍ପ ଇନ୍ଧନ ପାଇଁ ଏକ ପ୍ରମୁଖ ଉତ୍ସ ଅଂଚଳ ଯାହା ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଅଟେ ।

# ନାରାୟଣ ସେବା ସଂସ୍ଥାନ ପକ୍ଷରୁ ୪.୫ ଲକ୍ଷରୁ ଅଧିକ ଦିବ୍ୟାଙ୍ଗଙ୍କ ମାଗଣା ଅସ୍ତ୍ରୋପଚାର

**ଭୁବନେଶ୍ୱର, ୫।୫ (ନି.ପ୍ର) :** ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ଉତ୍ସର୍ଗୀକୃତ ଅଗ୍ରଣୀ ଏନଜିଓ ନାରାୟଣ ସେବା ସଂସ୍ଥାନ (ଏନଏସଏସ) ଏହାର ସମନ୍ୱିତ ସ୍ୱାସ୍ଥ୍ୟସେବା ଓ ଦକ୍ଷତା ବିକାଶ ଅଭିଯାନ ଜରିଆରେ ଅନ୍ତର୍ଭୁକ୍ତୀକରଣ ବିକାଶକୁ ଆଗକୁ ବଢ଼ାଉଛି। ଗତ ଚାରି ବର୍ଷ ମଧ୍ୟରେ ସଂସ୍ଥାନ ସଫଳତାର ସହ ୪,୫୨,୫୬୯ ସୁଧାରମୂଳକ ଅସ୍ତ୍ରୋପଚାର କରିପାରିଛି। ଏହାର ୧୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଓ ୧୨୫ ଜଣ ଡାକ୍ତର ଓ ନର୍ସିଂ ଷ୍ଟାଫଙ୍କ ଟିମ ଦିନକୁ ୮୦-୯୦ ସର୍ଜରି କରୁଛନ୍ତି। ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ବିହାରର ମଧୁବନିର ୧୮ ବର୍ଷୀୟ ଚାନ୍ଦିନୀ। ତିନି ବର୍ଷ ବୟସରୁ ସେ ଗୁରୁତର ଦିବ୍ୟାଙ୍ଗର ଶିକାର ହୋଇଥିଲେ। ତାଙ୍କ ଉଭୟ ଗୋଡ଼ ବଙ୍କାଥିଲା ଓ ଆଣ୍ଠୁ ଅସମାନ ରହିଥିଲା। ଚଳପ୍ରଚଳ କରିପାରୁନଥିବାରୁ ସେ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିଲେ ଓ ପ୍ରାୟ ଏକଲା ରହୁଥିଲେ। ବାପା ରମଣ ଓ ମା ରିତୁ ଦେବୀଙ୍କଠାରୁ ଚାନ୍ଦିନୀ ଏକ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଉନ୍ନତ ଚିକିତ୍ସା ସୁବିଧା ପାଉନଥିଲେ। ବହୁ ଅନୁସନ୍ଧାନ କରିବା ପରେ ସେମାନେ ଉଦୟପୁରରେ ଥିବା ଏନଏସଏସର ମଗଣା ଚିକିତ୍ସା ସେବା ପାଇଥିଲେ। ୨୦୨୪ ମେରେ ଚାନ୍ଦିନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଚାରିଟି ଅସ୍ତ୍ରୋପଚାର କରାଯାଇଲା। ୨୦୨୫ ଡିସେମ୍ବରରେ ତାଙ୍କୁ ପୁଣି ଥରେ ପରୀକ୍ଷା କରାଯାଇଥିଲା। ସେଭଲ ଭାବେ ଠିଆ ହୋଇପାରୁଥିଲେ ଓ ଦୃଢ଼ତା ଓ ବିଶ୍ୱାସର ସହ ଆଗକୁ ବଢୁଥିଲେ। ନିକଟରେ ଏନଏସଏସ ବିହାରର ଜଣେ ଛଅ ବର୍ଷୀୟ ବାଳକ ସୁଧାଂଶୁ କୁମାରଙ୍କ ବିରଳ ଅସ୍ତ୍ରୋପଚାର କରିଥିଲା। ସେ ଦିବ୍ୟାଙ୍ଗ ଥିଲେ ଓ ତାଙ୍କ ବାମ ପାଦ ବଙ୍କା ଥିଲା ଏବଂ ବୁଢ଼ା ଆଙ୍ଗୁଠି ଅତ୍ୟଧିକ ବଙ୍କା ଥିଲା। ସେଥିପାଇଁ ସେ ଠିକ୍ ଭାବେ ଚାଲିପାରୁନଥିଲେ। ତାଙ୍କ ଚିକିତ୍ସା ପାଂଚ ମାସ ପର୍ଯ୍ୟନ୍ତ ଚାଲିଥିଲା। ଦୁଇଟି ଅସ୍ତ୍ରୋପଚାର ଓ ସୁଧାରମୂଳକ ପଦକ୍ଷେପ ପରେ ୨୦୨୫ ଡିକସେମ୍ବର ୧୨ରେ ସେ ହସ୍ପିଟାଲରୁ ଘରକୁ ଯାଇଥିଲେ। ଏବେ ସେ ନିଜ ଉଦ୍ୟମରେ ଚାଲିପାରୁଛନ୍ତି। ସୁଧାଂଶୁ କହିଛନ୍ତି ଯେ ମୁଁ ଦୌଡ଼ିବି ଓ ଆଗକୁ ବଢ଼ିବ। ଏହି ଅବସରରେ ନାରାୟଣ ସେବା ସଂସ୍ଥାନର ସଭାପତି ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି ଯେ, 'ଏନଏସଏସରେ ଆମର ମିସନ ହେଉଛି ମେଡିକାଲ ଚିକିତ୍ସାରୁ ଆଗକୁ ବଢ଼ିବା। ଆମେ ପହଂଚିପାରୁଥିବା ଲୋକମାନଙ୍କ ଦୈନନ୍ଦିନ ଜୀବନରେ ସମ୍ମାନ, ସ୍ୱାଧୀନତା ଓ ଆଶା ସଂଚାର କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ପ୍ରତିଟି ଅସ୍ତ୍ରୋପଚାର, ପ୍ରତିଟି ଥଇଥାନ ଏବଂ ଆମେ ଯୋଗାଇ ଦେଉଥିବା ପ୍ରତିଟି ସହାୟକ ଡିଭାଇସ ହେଉଛି ଏକ ଅଧିକ ଅନ୍ତର୍ଭୁକ୍ତୀକରଣ ସମାଜ ଗଠନ କରିବା ଦିଗରେ ପଦକ୍ଷେପ ଯେଉଁଠାରେ କୌଣସି ବ୍ୟକ୍ତିଙ୍କ ପାଇଁ ଦିବ୍ୟାଙ୍ଗ କିମ୍ବା ଆର୍ଥିକ ସମସ୍ୟା ପ୍ରତିବନ୍ଧକ ହୋଇରହିବ ନାହିଁ। ଆମେ ଆମର ଉପସ୍ଥିତିର ସମ୍ପ୍ରସାରଣ କରୁଥିବା ବେଳେ ସମସ୍ତଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଓ ସଶକ୍ତୀକରଣ ସୁଯୋଗ ପହଂଚାଇବା ନିଶ୍ଚିତ କରିବାକୁ ଉତ୍ସର୍ଗୀକୃତ ରହିଛୁ। ଫିଜିଓଥେରାପି ସେବା ଜରିଆରେ ଏହା ପ୍ରତି ମାସରେ ପ୍ରାୟ ୮୦୦୦ ରୋଗୀଙ୍କୁ ସହାୟତା ପ୍ରଦାନ କରୁଛି। ଏହାର ବ୍ୟାପକ ନେଟୱର୍କ ଦିଲ୍ଲୀ, ହରିୟାଣା, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ଗୁଜରାଟରେ ରହିଛି। ଚିକିତ୍ସା ସେବା ବ୍ୟତୀତ ସଂସ୍ଥାନ ପକ୍ଷରୁ ନିଶା ନିବାରଣ, ପରିବେଶ ସଂରକ୍ଷଣ, ସ୍ୱଚ୍ଛତା ଓ ଭୋଜନ ଦାନ ଭଳି ସାମାଜିକ ସଚେତନତାର ପ୍ରସାର କରୁଛି।




# ବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ପିଡବ୍ଲ୍ୟୁ ଛାତ୍ରଛାତ୍ରୀଙ୍କ ଚମତ୍କାର ସଫଳତା

**ଭୁବନେଶ୍ୱର, ୫।୫ (ନି.ପ୍ର) :** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ଘୋଷଣା କରାଯାଇଥିବା ୨୦୨୬ ଦଶମ ଶ୍ରେଣୀ ଫଳାଫଳ ଫିଜିକ୍ସୱାଲା ପାଇଁ ଏକ ବଡ ସଫଳତା ଆଣିଛି। ଏହାର ପ୍ରଥମ ବର୍ଷରେ ପିଡବ୍ଲ୍ୟୁର ବୋର୍ଡ ବୁଷ୍ଟର ଓଡିଆ ୧୦ମ ଶ୍ରେଣୀ ୨୦୨୬ ବ୍ୟାଚର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ସୋରସ୍ଥିତ କେ ସି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ ଛାତ୍ର, ଆଶୁତୋଷ ନାୟକ ମୋଟ ୬୦୦ରୁ ୫୮୮ ନମ୍ବରରଖି ରାଜ୍ୟରେ ଶୀର୍ଷ ର୍‌ୟାଙ୍କ ହୋଲ୍ଡର ମାନଙ୍କ ମଧ୍ୟରେ ଜଣେ ହୋଇପାରିଛନ୍ତି। ତାଙ୍କ ପଛରେ ଉଭୟ ଆୟୁଷ୍ମାନ ଦାସ ଓ ସୁମିତ କୁମାର ଦାସ ଅଛନ୍ତି ଯିଏ ୬୦୦ରୁ ୫୮୨ ନମ୍ବର ରଖିଛନ୍ତି। ଏହି ବ୍ୟାଚ ବ୍ୟତୀତ ଅନେକ ଛାତ୍ରଛାତ୍ରୀ ପିଡବ୍ଲ୍ୟୁର ଓଡିଶା ବୋର୍ଡ ୟୁଟ୍ୟୁବ ଲେକ୍‌ଚର୍ସରୁ ମଧ ପଢିଥିଲେ। ପିଡବ୍ଲ୍ୟୁର ୨୮ରୁ ଅଧିକ ଛାତ୍ରଛାତ୍ରୀ ୯୦% ଓ ତାହାଠାରୁ ଅଧିକ ମାର୍କ ରଖିଥିବାବେଳେ ଅନେକ ଛାତ୍ରଛାତ୍ରୀ ଗଣିତ ଓ ସଂସ୍କୃତରେ ୧୦୦% ମାର୍କ ରଖିଛନ୍ତି। ପିଡବ୍ଲ୍ୟୁ ପାଇଁ ଏହି ସଫଳତା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଓଡିଶା ବୋର୍ଡ ସହ ସମନ୍ୱିତ ଫିଜିକ୍ସୱାଲାର ପ୍ରଥମ ବର୍ଷର ପ୍ରତିନିଧିତ୍ୱ କରୁଛି।

ସଫଳତା ହାସଲ କରିଥିବା ଆଶୁତୋଷ ଏଥିପାଇଁ ଶ୍ରେୟ ନିଜ ଅଭିଭାବକ, ଶିକ୍ଷକ ଓ ପିଡବ୍ଲ୍ୟୁର ଅନ୍‌ଲାଇନ କ୍ଲାସକୁ ଦେଇଛନ୍ତି ଯାହା ତାଙ୍କୁ ସ୍ଥିର ରହିବା ଓ ନିଜ ବିଷୟବସ୍ତୁଗୁଡିକରେ ସୁଦୃଢ ହେବା ପାଇଁ ସାହାଯ୍ୟ କରିଥିଲା। ନିଜ ଫଳାଫଳ ସମ୍ପର୍କରେ ଆଶୁତୋଷ କହିଛନ୍ତି, 'ବିଶେଷ କରି ମୁଁ ସହଜ ଅନୁଭବ କରୁଥିବା ଭାଷାରେ ପିଡବ୍ଲ୍ୟୁର ଓଡିଶା ବୋର୍ଡ ଲେକ୍‌ଚର ମାଧ୍ୟମରେ ପଢିବା ଏକ ବଡ ପାର୍ଥକ୍ୟ ସୃଷ୍ଟି କରିଥିଲା। ବିଷୟଗୁଡିକ ଅଧିକ ସ୍ପଷ୍ଟ ଅନୁଭବ ହୋଇଥିଲା ଓ ମୁଁ ମନେ ରଖିବା ପରିବର୍ତ୍ତେ ବୁଝିବା ଉପରେ ଅଧିକ ଗୁରୁତ୍ୱ ଦେଇପାରିଥିଲି। ନିୟମିତ ଅଭ୍ୟାସ ଓ ଅଧ୍ୟାପକଙ୍କଠାରୁ ମାର୍ଗଦର୍ଶନ ମୋତେ ବର୍ଷସାରା ସ୍ଥିର ରହିବାରେ ସାହାଯ୍ୟ କରିଥିଲା।' ସେହିପରି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ପ୍ରତିଷ୍ଠାତା ଓ ଶିକ୍ଷକ, ଅଲଖ ପାଣ୍ଡେ କହିଛନ୍ତି, 'ଏହି ଫଳାଫଳ ଆମର ଛାତ୍ରଛାତ୍ରୀ, ସେମାନଙ୍କର ଶୃଙ୍ଖଳା, ନୀରବ ବଳିଦାନ ଓ ନିଜ ସ୍ୱପ୍ନ ଉପରେ ସେମାନଙ୍କର ବିଶ୍ୱାସ ସହ ଜଡିତ। ଓଡିଶାରେ ଏହା ଆମର ପ୍ରଥମ ବର୍ଷ ଏବଂ ଯାହା ଏହାକୁ ଅଧିକ ସ୍ୱତନ୍ତ୍ର କରୁଛି ତାହା ହେଉଛି ଛାତ୍ରଛାତ୍ରୀମାନେ ସେମାନେ ବାସ୍ତବରେ କ'ଣ ଶିଖୁଛନ୍ତି ତାହା ବୁଝିପାରୁଛନ୍ତି । ଆମର ପ୍ରୟାସ ହେଉଛି ଏକ ସଠିକ ମାର୍ଗଦର୍ଶନ, ଅଭ୍ୟାସ ଓ ପରାମର୍ଶ ସହିତ ସେମାନଙ୍କ ସହ ଛିଡା ହେବ, ଯାହାଫଳରେ ସେମାନେ ନିଜର କ୍ଷମତାକୁ ଅନୁଭବ କରିପାରିବେ।




# ଏନଏସଇ ପକ୍ଷରୁ ଇଲେକ୍‌ଟ୍ରୋନିକ ଗୋଲ୍ଡ ରିସିପ୍ଟର ଶୁଭାରମ୍ଭ

**ଭୁବନେଶ୍ୱର, ୫।୫ (ନି.ପ୍ର) :** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ପକ୍ଷରୁ ଏକ ନୂଆ ଟ୍ରେଡିଙ୍ଗ ସେଗମେଂଟ ଭାବେ ଇଲେକ୍‌ଟ୍ରୋନିକ୍ସ ଗୋଲ୍ଡ ରିସିପ୍ଟ (ଇଜିଆର) ର ଶୁଭାରମ୍ଭ କରାଯାଇଛି । ଏହା ଭାରତର ସୁନାର ବଜାରକୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ସଂଗଠିତ କରିବା ଦିଗାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି । ଏହି ଶୁଭାରମ୍ଭ ସହିତ ଏନଏସଇ ସୁନା କାରବାର ପାଇଁ ଏକ ସୁରକ୍ଷିତ, ନିୟମିତ ଓ ଟେକ୍ନୋଲୋଜି-ଚାଳିତ ପ୍ଲାଟଫର୍ମ ପ୍ରଦାନକରି ଭୌତିକ ସୁନା ଓ ଆର୍ଥିକ ବଜାର ମଧ୍ୟରେ ଦୀର୍ଘ ଦିନରୁ ରହିଥିବା ଅନ୍ତରକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି । ଇଲେକ୍ ?ଟ୍ରୋନିକ ଗୋଲ୍ଡ ରିସିପ୍ଟ (ଇଜିଆର) ହେଉଛି ଡିଜିଟାଲ ସାର୍ଟିଫିକେଟ ଯାହା ଭୌତିକ ସୁନାର ମାଲିକାନାର ପ୍ରତିନିଧିତ୍ୱ କରିଥାଏ । ପ୍ରକୃତ ସୁନା ସେବି-ସ୍ୱୀକୃତିପ୍ରାପ୍ତ ଭଲ୍ଟଗୁଡିକରେ ସୁରକ୍ଷିତ ଭାବେ ସଂରକ୍ଷିତ ରହିଥିବାବେଳେ ନିବେଶକ ମାନେ ଏହାକୁ ନିଜର ଡିମାଟ ଆକାଉଂଟ ମାଧ୍ୟମରେ ବୈଦ୍ୟୁତିକ ଭାବେ ରଖିପାରିବେ ଓ ଟ୍ରେଡ୍ କରିପାରିବେ । ଇଜିଆର ନିବେଶକଙ୍କୁ ସୁନା ବଜାରରେ ଖୁବ୍ କମ୍ ପରିମାଣରେ ନିବେଶ କରିବାକୁ ମଧ ସକ୍ଷମ କରିଥାଏ । ପ୍ରତ୍ୟେକ ଇଜିଆର ପ୍ରକୃତ ସୁନା ଦ୍ୱାରା ସମ୍ପୂର୍ଣ୍ଣ ରୂପେ ସମର୍ଥିତ ଅଟେ ଯାହା ବିଶ୍ୱାସ ଓ ପ୍ରାମାଣିକତା ନିଶ୍ଚିତ କରିଥାଏ । ଏସମ୍ପର୍କରେ ଏନଏସଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, "ଏନଏସଇରେ ଇଲେକ୍‌ଟ୍ରୋନିକ ଗୋଲ୍ଡ ରିସିପ୍ଟର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ବିବର୍ତ୍ତନକୁ ସୂଚିତ କରୁଛି । ଏନଏସଇର ଦୃଢ ଟେକ୍ନୋଲୋଜି ଓ ତରଳତା ଢାଂଚାର ବ୍ୟବହାର କରି ଆମେ ସୁନା ପାଇଁ ପହଂଚକୁ ଗଣତାନ୍ତ୍ରିକ କରିଛୁ, ଯାହା ଦେଶବ୍ୟାପୀ ନିବେଶକଙ୍କୁ ସ୍ୱଚ୍ଛତା ଓ ଆତ୍ମବିଶ୍ୱାସ ସହ କାରବାର କରିବା ପାଇର୍ ସକ୍ଷମ କରିବ । ଆମେ ବିଶ୍ୱାସ କରୁଛୁ ଯେ, ସୁନାରେ ନିବେଶ ପାଇଁ ଏକ ସୁଗମ, ସୁରକ୍ଷିତ ଓ ଡିଜିଟାଲ ମାର୍ଗ ସୃଷ୍ଟି କରି ଆମେ ସୁନାକୁ ଆମର ପୁଞ୍ଜି ବଜାର ମଧ୍ୟରେ ଏକ ଆଧୁନିକ, ସମନ୍ୱିତ ସମ୍ପତି ଶ୍ରେଣୀ ଭାବେ ଅବସ୍ଥାପିତ କରିଛୁ, ଯାହା ଖଣ୍ଡିତ ମାନଦଣ୍ଡ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଗଭୀର ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଛି ।



# ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ସଫଳତା: ୧୦ ବର୍ଷର ଶିଶୁ କନ୍ୟାର ବିରଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୫।୫ (ନି.ପ୍ର) :** ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନର ସଫଳତା ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲର ଡାକ୍ତର ମାନେ ଜଣେ ୧୦ ବର୍ଷର ଶିଶୁ କନ୍ୟାର ଅତି ଜଟିଳ ତଥା ବିରଳ ମେରୁଦଣ୍ଡ ଆଘାତର ସଫଳ ଚିକିତ୍ସା କରିଛନ୍ତି। ଝାଡ଼ଖଣ୍ଡର ଏହି ଶିଶୁଟି ଏକ ଗୁରୁତର ବେକ ଆଘାତ ଯୋଗୁଁ ପକ୍ଷାଘାତର ଶିକାର ହୋଇଥିବା ବେଳେ, ଅସ୍ତ୍ରୋପଚାରର ମାତ୍ର କିଛି ଦିନ ମଧ୍ୟରେ ସେ ପୁଣି ନିଜ ଗୋଡ଼ରେ ଚାଲିବାକୁ ସକ୍ଷମ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖେଳୁଥିବା ସମୟରେ ହଠାତ୍ ବେକରେ ମୋଡ଼ ହେବା କାରଣରୁ ଶିଶୁଟି ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଅଚେତ ହୋଇଯାଇଥିଲା। ଚେତା ଫେରିବା ପରେ ତା'ର ହାତ-ଗୋଡ଼ ଆଉ ଚଳୁନଥିଲା। ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ସମସ୍ତ ପ୍ରକାର ଚିକିତ୍ସାର କିଛି ଦିନ ପରେ ବାମ ପଟ ସାମାନ୍ୟ ଶକ୍ତି ଆସିଥିଲେ ମଧ ଡାହାଣ ପଟ ଅଧିକ ଦୁର୍ବଳ ଥିଲା ଏବଂ ସେ ଚାଲିବାକୁ ଅସମର୍ଥ ଥିଲା। ପରୀକ୍ଷାରେ ଡାକ୍ତରମାନେ ଦେଖିଥିଲେ ଯେ, ତାଙ୍କର ଚାରିଟି ଅଂଗରେ ଶକ୍ତି କମ୍, ବିଶେଷକରି ଡାହାଣ ପାର୍ଶ୍ୱରେ ଅଧିକ। ସେଥିପାଇଁ CT ଏବଂ ଗଜଓ ରିପୋର୍ଟରେ ଉପର ବେକ ହାଡରେ ଗୁରୁତର ଚୋଟ (Type II odontoid fracture) ସହିତ atlanto-axial dislocation ଓ ମେରୁଦଣ୍ଡରେ ପ୍ରଭାବ ଥିବା ସ୍ପଷ୍ଟ ହୋଇଥିଲା। ଏହା ଦେଖି ଡାକ୍ତରମାନେ ତୁରନ୍ତ ସର୍ଜରୀ କରିବାକୁ ନିଷ୍ପତ୍ତି ନେଲେ।

ଗତ ଏପ୍ରିଲ ୧୮, ୨୦୨୬ରେ ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ଅମିତ ଜୈଶୱାଲ ଓ ତାଙ୍କ ଟିମ୍ ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଅତ୍ୟାଧୁନିକ ପୋଷ୍ଟିରିଅର ଉ୧-ଉ୨ ଫିକ୍ସେସନ୍ ସହିତ ଫୋରାମେନ୍ ମ୍ୟାଗନମ୍ ଡିକମ୍ପ୍ରେସନ୍ ଅପରେସନ୍ କରାଯାଇଥିଲା। ଏହି ଜଟିଳ ସର୍ଜରିରେ ସ୍କ୍ରୁ ଏବଂ ରଡ୍ ବ୍ୟବହାର କରି ଗଳାର ହାଡ଼କୁ ମଜବୁତ କରାଯାଇଥିଲା ଏବଂ ମେଡୁଲା ଉପରେ ଥିବା ଚାପକୁ କମାଯାଇଥିଲା।




ମଣିପାଲ ହସ୍ପିଟାଲର ଭୁବନେଶ୍ୱର ନ୍ୟୁରୋସର୍ଜେରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ଅମିତ ଜୈଶୱାଲ କହିଛନ୍ତି, "ପିଲାମାନଙ୍କର ଉପର ବେକ ମେରୁଦଣ୍ଡ ଚୋଟ ଦୁର୍ଲଭ ହେଲେ ମଧ ବହୁତ ଗୁରୁତର ହୋଇଥାଏ। ଲକ୍ଷଣ କିଛି ଦିନ ପର୍ଯ୍ୟନ୍ତ ଭଲ ହେଲେ ମଧ ଡାକ୍ତରମାନେ ସତର୍କ ରହିବା ଆବଶ୍ୟକ। ଏହି ଘଟଣାରେ atlantoaxial ଅଞ୍ଚଳର ଅସ୍ଥିରତା ମେରୁଦଣ୍ଡ ପାଇଁ ବଡ଼ ବିପଦ ଥିଲା। ଆମର ଲକ୍ଷ୍ୟ ଥିଲା ମଜବୁତ ଭାବେ ହାଡକୁ ସ୍ଥିର କରିବା ସହିତ ମେରୁଦଣ୍ଡ ଉପରେ ଥିବା ଚାପକୁ କମାଇବା, ଯାହା ଫଳରେ ସ୍ନାୟୁ ପୁଣି ସୁସ୍ଥ ହେବାର ସୁଯୋଗ ପାଏ। ସମୟରେ ସଠିକ୍ ସର୍ଜରୀ ଓ ସଠିକ୍ ପ୍ରଣାଳୀ ଦ୍ୱାରା ଆମେ ହାଡର ସଠିକ୍ ସମନ୍ୱୟ ଫେରାଇ ପାରିଲୁ ଏବଂ ଝିଅଟିର ସର୍ଜରୀ ସଫଳ ହୋଇଛି ।

ସର୍ଜରୀ ସଫଳ ହୋଇଥିଲା ଏବଂ ପରବର୍ତ୍ତୀ ପରୀକ୍ଷାରେ ଇମ୍ପ୍ଲାଣ୍ଟ ଗୁଡ଼ିକ ସଠିକ୍ ଭାବରେ ବସିଥିବା ସହିତ ମେରୁଦଣ୍ଡ ସଠିକ୍ ସ୍ଥିତି ନିଶ୍ଚିତ ହୋଇଥିଲା। ସର୍ଜରୀ ପରେ ଝିଅଟି ତୁରନ୍ତ ସୁଧାର ଦେଖାଇଥିଲା। ସେ ଚାରିଟି ଅଙ୍ଗକୁ ହଲାଇ ପାରୁଥିଲେ। ଅପରେସନ୍ ହେବାର ପରଦିନ ହିଁ ଶିଶୁଟି ସାମାନ୍ୟ ସହାୟତାରେ ଚାଲିବା ଆରମ୍ଭ କରିଥିଲା ଏବଂ ଦ୍ୱିତୀୟ ଦିନ ବେଳକୁ ସେ ନିଜେ ନିଜେ ଚାଲିପାରିଥିଲା। ତୃତୀୟ ଦିନରେ ଘରକୁ ଫେରିଥିଲେ। ଝିଅକୁ ପୁଣି ଚାଲୁଥିବାର ଦେଖି ବାପା ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଛନ୍ତି, 'ଏହା କୌଣସି ଚମତ୍କାରଠାରୁ କମ୍ ନୁହେଁ। ଯେତେବେଳେ ମୋ ଝିଅ ହଲିପାରୁନଥିଲା, ଆମେ ବହୁତ ଭୟଭୀତ ହୋଇପଡିଥିଲୁ। କିଛି ଦିନ ମଧ୍ୟରେ ତାଙ୍କୁ ପୁଣି ଚାଲିବା ଦେଖିବା ଆମ ପାଇଁ ଅଦ୍ଭୁତ ଲାଗିଲା। ମଣିପାଲ ହସ୍ପିଟାଲର ଡାକ୍ତର ଓ ଷ୍ଟାଫମାନେ ପ୍ରତ୍ୟେକ ପଦକ୍ଷେପରେ ଆମକୁ ସହଯୋଗ କରିଥିଲେ—ଆମେ ସେମାନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ।"

ଏହି ଘଟଣାଟି ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା ବେକ ବା ମେରୁଦଣ୍ଡ ଆଘାତର ସଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସାର ଗୁରୁତ୍ୱକୁ ଦର୍ଶାଉଛି। ଅନେକ ସମୟରେ ପ୍ରାଥମିକ ଅବସ୍ଥାରେ ଲକ୍ଷଣ ଗୁଡ଼ିକରେ ସାମାନ୍ୟ ସୁଧାର ଆସିଥାଏ, କିନ୍ତୁ ଭିତରେ ରହିଥିବା ଅସ୍ଥିରତା ବିପଦଜନକ ହୋଇ ରହିଥାଏ। ଏହା ସହିତ, ଜଟିଳ ମେରୁଦଣ୍ଡ ସମସ୍ୟାର ସୂକ୍ଷ୍ମ ଓ ସତର୍କତାପୂର୍ଣ୍ଣ ସମାଧାନ କ୍ଷେତ୍ରରେ ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ଅସ୍ତ୍ରୋପଚାର ଦକ୍ଷତାକୁ ମଧ ଏହା ପ୍ରମାଣିତ କରୁଛି।

# ପଶ୍ଚିମବଙ୍ଗ ଜନସାଧାରଣଙ୍କୁ ଧନ୍ୟବାଦ ଦେଲେ କେନ୍ଦ୍ର ମନ୍ତ୍ରୀ

ପଶ୍ଚିମବଙ୍ଗ,୫।୫: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟ ହେଉଛି ବଙ୍ଗର ଜନସାଧାରଣଙ୍କ ବିଜୟ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଏବଂ ଅହଂକାର ବିରୋଧରେ ବଙ୍ଗବାସୀ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଥିବାରୁ ସେ ରାଜ୍ୟର ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପଶ୍ଚିମବଙ୍ଗରେ ମହିଳାମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ଏବଂ ଶାସକ ଦଳର ନେତାମାନଙ୍କ ଦ୍ୱାରା ଦିଆଯାଉଥିବା ସଂବେଦନହୀନ ମନ୍ତବ୍ୟକୁ ବଙ୍ଗର ନାରୀଶକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି । ମହିଳାଙ୍କ ସମ୍ମାନ ରକ୍ଷା କରିବାରେ ମମତା



ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମମତା ବାନାର୍ଜୀଙ୍କ ସରକାର ସର୍ବଦା ଜନଜାତି ବର୍ଗର ସ୍ୱାର୍ଥକୁ ଅଣଦେଖା କରିଆସିଛି। ସେହିପରି ରାଜ୍ୟର ଚାଷୀକୂଳଙ୍କୁ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ କରି ସେମାନଙ୍କ ସହ ବିଶ୍ୱାସଘାତକତା କରାଯାଇଛି। ବଙ୍ଗର ଯୁବବର୍ଗ ଆଜି ବେକାରୀ ସମସ୍ୟାରେ ଜର୍ଜରିତ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତ ଟିଏମସି ସରକାର ଯୁବପିଢ଼ିଙ୍କୁ ଭ୍ରମିତ କରିଆସୁଛି । ପଶ୍ଚିମବଙ୍ଗର ଜନସାଧାରଣ ମମତା ବାନାର୍ଜୀଙ୍କୁ ବିଦାୟ କରିବା ସହ ଭାରତୀୟ ଜନତା ପାର୍ଟିର ସୁଶାସନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଅତୁଟ ବିଶ୍ୱାସ ପ୍ରକଟ କରିଛନ୍ତି । ଏହି ବିଜୟ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ 'ସୋନାର ବାଂଲା'ର ସ୍ୱପ୍ନ ସାକାର କରିବାରେ ଏକ ଦୃଢ଼ ମୂଳଦୁଆ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଆସାମ ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପିକୁ ପ୍ରଚଣ୍ଡ ବହୁମତ ଦେଇଥିବାରୁ ଶ୍ରୀ ପ୍ରଧାନ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଆସାମବାସୀ କଂଗ୍ରେସର ବିଭାଜନକାରୀ ରାଜନୀତି ଓ ତୁଷ୍ଟିକରଣକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ 'ଡବଲ ଇଞ୍ଜିନ' ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରିଛନ୍ତି । ଅପରପକ୍ଷରେ ତାମିଲନାଡୁରେ ବିଜେପି ପ୍ରତି ବିଶ୍ୱାସ ଓ ସମର୍ଥନ ପ୍ରକଟ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଟିଭିକେର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୁଡୁଚେରୀରେ ଏନଡିଏର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସାମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ବିକାଶର ଦୂରଦୃଷ୍ଟି ଉପରେ ଜନସାଧାରଣଙ୍କ ଆସ୍ଥା ବୋଲି ସେ କହିଛନ୍ତି ।

# ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ଓ ଇଙ୍ଗା ଦ୍ୱାରା 'ଗୋଷ୍ଠୀ ଶିକ୍ଷା କେନ୍ଦ୍ର' ଉଦ୍‌ଘାଟିତ

## ନାରୀ ଶିକ୍ଷା ଓ ସଶକ୍ତିକରଣ ପାଇଁ ନୂତନ ପଦକ୍ଷେପ

ରାୟଗଡ଼ା,୫।୫: ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ଓ ଇଙ୍ଗା ର ଯୁଗଳ ପ୍ରୟାସରେ 'ଗୋଷ୍ଠୀ ଶିକ୍ଷା କେନ୍ଦ୍ର' ଉଦ୍‌ଘାଟନ କରାଯାଇଥିଲା। ଏହା ମାଧ୍ୟମରେ ୧୧ ମାସିଆ ଏକ ସଂଗଠିତ ଶିକ୍ଷା କାର୍ଯ୍ୟକ୍ରମର ଆରମ୍ଭ ହୋଇଛି, ଯାହା ଶିକ୍ଷାରୁ ବଞ୍ଚିତ କିଶୋରୀ ଓ ମହିଳାମାନଙ୍କୁ ପୁନଃ ମୁଖ୍ୟ ଧାରାରେ ଆଣିବା ସହ ତାଙ୍କୁ କାର୍ଯ୍ୟମୂଖୀ ସାକ୍ଷରତା ଓ ଜୀବନ କୌଶଳରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି।

ଏହି କାର୍ଯ୍ୟକ୍ରମ ଅଧୀନରେ ପାଇକାପଡା (କେଳିଗୁଡା), ଥେରୁବାଲି, ଗେରାପୁଟ (କର୍ତ୍ତିକାଗୁଡା), ପିଣ୍ଡାପଦର (ବଡ଼ ଖିଲାପଡ଼ା) ଓ ଅନୁଗୁଡା (କର୍ତ୍ତିକାଗୁଡା) ଏହି ପ୍ରୟାସରେ ୪ଟି ଗ୍ରାମ ପଞ୍ଚାୟତ ଅଧୀନର ୬ଟି ଗ୍ରାମରୁ ମୋଟ ୧୮୦ ଜଣ ନିମନ୍ତେ ଶିକ୍ଷା ର ପ୍ରୟାସ ଜାରି ରଖା ଯାଇଛି। ଉଦ୍‌ଘାଟନ ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଲନରା ଶ୍ରୀମତୀ ରୀନା ପ୍ରଧାନ, ଶ୍ରୀ ଜି.ଭି. ରାକେଶ, ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି , ଇଙ୍ଗା; ଏବଂ ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପ ମହାପ୍ରବନ୍ଧକ, ମାନବ ସମ୍ବଳ ଓ ପ୍ରଶାସନ ଉପସ୍ଥିତ ଥିଲେ। ଶ୍ରୀମତୀ ରୀନା ପ୍ରଧାନ ତାଙ୍କ ଉଦ୍‌ବୋଧନରେ ସେ କହିଥିଲେ ଯେ ଶିକ୍ଷା ପାଇଁ ବୟସ୍ କୌଣସି ବାଧା ନୁହେଁ ଏବଂ ଦୈନନ୍ଦିନ ଜୀବନରେ ଶିକ୍ଷା ଅତ୍ୟାବଶ୍ୟକ। ସେ ଏହି ଉତ୍ତମ ପ୍ରୟାସ ପାଇଁ ଇଙ୍ଗା ଓ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ଙ୍କୁ ପ୍ରଶଂସା କରିଥିଲେ।

ଶ୍ରୀ ଜି.ଭି. ରାକେଶ ତାଙ୍କ ଭାବବିହ୍ୱଳ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷା କେବଳ ଏକ ଆବଶ୍ୟକତା ନୁହେଁ, ଏହା ଜୀବନର ପ୍ରତ୍ୟେକ ପଥକୁ ଖୋଲିଦେବା ଏକ ପରିବର୍ତ୍ତନଶୀଳ ଶକ୍ତି। ଜଣେ ମା ଶିକ୍ଷିତ ହେଲେ ସେ ପରିବାରର ଆଲୋକରେ ପରିଣତ ହୁଅନ୍ତି—ସ୍ୱପ୍ନକୁ ପୋଷଣ କରନ୍ତି, ଭବିଷ୍ୟତ ଗଢ଼ନ୍ତି ଏବଂ ଅଜ୍ଞାନତାର ଶୃଙ୍ଖଳାକୁ ଭଙ୍ଗ କରନ୍ତି। "ଜଣେ ଶିକ୍ଷିତ ମା ଏକ ସଶକ୍ତ ପରିବାର ଗଢ଼ନ୍ତି ଏବଂ ସେହି ସଶକ୍ତ ପରିବାରମାନେ ମିଶି ଏକ ପ୍ରଗତିଶୀଳ, ସଚେତନ ଓ ଶକ୍ତିଶାଳୀ ସମାଜର ଭିତ୍ତି ସୃଷ୍ଟି କରନ୍ତି।"

ଏହି ଅବସରରେ ଶ୍ରୀ ଜି.ଭି. ରାକେଶ ଓ ଶ୍ରୀ କ୍ଷିତିଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମସ୍ତ ଭର୍ତ୍ତି ହୋଇଥିବା ହିତାଧିକାରୀ ମାନଙ୍କୁ ପାଠ୍ୟ ସାମଗ୍ରୀ କିଟ୍ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ କିଟ୍‌ରେ ୩ଟି ପୁସ୍ତକ, ୧ଟି ସ୍ଲେଟ୍, ଏକ ପେନ୍ସିଲ୍ ବକ୍ସ ଓ ଚକ୍ ଥିଲା, ଯାହା ତାଙ୍କର ଶିକ୍ଷା କ୍ଷେତ୍ର କୁ ସହାୟତା କରିବ।



ଏହି ପ୍ରୟାସ ମାଧ୍ୟମରେ ଲାହିତାଧିକାରୀ ମାନଙ୍କୁ ପଢ଼ିବା, ଲେଖିବା ଓ ଜୀବନ କୌଶଳରେ ପାରଦର୍ଶୀ କରି ସ୍ୱୟଂନିର୍ଭର କରିବା ସହ ସାମାଜିକ ଓ ଆର୍ଥିକ କାର୍ଯ୍ୟକଳାପରେ ସକ୍ରିୟ ଭାଗୀଦାର କରିବା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମର ଶେଷରେ ସମସ୍ତ ହିତଧାରୀଙ୍କ ଦ୍ୱାରା ନିୟମିତ ଉପସ୍ଥିତି ଓ ସଫଳ ସମାପ୍ତି ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ର ର ଅଧିକାରୀ ଶ୍ରୀ ପ୍ରଭାକର ପଣ୍ଡା ଙ୍କ ନେତୃତ୍ୱରେ ବିଆଇପିଏଫ୍ ଟିମ୍‌ଙ୍କ ସହଯୋଗରେ ସୁନ୍ଦର ଭାବେ ଆୟୋଜିତ ହୋଇଥିଲା ଏବଂ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମନ୍ୱୟ କରାଯାଇଥିଲା। ଶେଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ର ଓ ଇଙ୍ଗା ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା, ଯେଉଁଥିରେ ସେ ସମସ୍ତ ଅତିଥି, ଅଂଶଗ୍ରାହୀ ଓ ସହଯୋଗୀମାନଙ୍କୁ ତାଙ୍କର ସମର୍ଥନ ଓ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ।

# ଉତ୍କଳ ଗୋପାଳ ସମାଜ ତରଫରୁ ବିବାହ ସେବାକାର୍ଯ୍ୟ



ରାୟଗଡା,୫।୫(ନି.ପ୍ର.: ଉତ୍କଳ ଗୋପାଳ ସମାଜ ତରଫରୁ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିନଭ ପ୍ରୟାସ ଦ୍ୱାରା ସମ୍ବେଦନଶୀଳ କାର୍ଯ୍ୟ ରାଜ୍ୟ ସଂଯୋଜିକା ଛବିଲତା ଦାସଙ୍କ ପ୍ରୟାସ ଓ ରାଜ୍ୟ କୋଷାଧ୍ୟକ୍ଷ ଧରଣୀଧର ବେହେରାଙ୍କ ପରାମର୍ଶକ୍ରମେ ସମ୍ପାଦନ ହୋଇ ପାରିଛି । ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଲକ୍ଷ୍ମୀପ୍ରିୟା ଗଉଡ଼ ବିବାହ ବୟସ ଅତିକ୍ରମ କରିଯାଇଥିଲେ ମଧ୍ୟ ଉତ୍କଳ ଗୋପାଳ ସମାଜ ଏହି କାର୍ଯ୍ୟକୁ ନିଜ ହାତକୁ ନେଇ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଧୀନରେ ଥିବା ବଳରାମପୁର ଗ୍ରାମର ଦେବେନ୍ଦ୍ର ଦାସଙ୍କ ସହିତ ବାଗୋଇ ମଠର ଜଗନ୍ନାଥ ମନ୍ଦିରରେ ଶୁଭ ପରିଣୟ ଅନୁଷ୍ଠିତ କରାଇଥିଲା । ଏହି ପବିତ୍ରମୟ ବିବାହ ଉତ୍ସବରେ ଉତ୍କଳ ଗୋପାଳ ସମାଜ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡା, ରାଜ୍ୟ କୋଷାଧ୍ୟକ୍ଷ ଧରଣୀଧର ବେହେରା,ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ଓ ରାୟଗଡା ସଭାପତି ଶରତ ଚନ୍ଦ୍ର ଗଉଡ଼, ରାଜ୍ୟ ମହିଳା ସଂଗଠନ ସଂଯୋଜିକା ଛବିଲତା ଦାସ, ରାଜ୍ୟ ଯୁବ ସଂଗଠକ ସଭାପତି ଇ କୃଷ୍ଣଚନ୍ଦ୍ର ଗଉଡ଼,କୁଜଙ୍ଗ ବ୍ଲକ ସଭାପତି ନିରଞ୍ଜନ ପରିଡା,ଜଗତସିଂହପୁର ଜିଲ୍ଲା ସଂଗଠକ ବୃନ୍ଦାବନ ପଲେଇ ଯୁବ ସଂଗଠକ ସମିର ଦାସ, କଣିହାଁ ବ୍ଲକ ସଂଗଠକ କିଶୋର ପରିଡା ମାନେ ପହଞ୍ଚି ଏହି ବିବାହ କାର୍ଯ୍ୟକୁ ଆଗକୁ ଆଗେଇ ନେବା ସହିତ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ନବ ବିବାହିତ ଦମ୍ପତିଙ୍କର ଭବିଷ୍ୟତକୁ ଉଜ୍ଜଳମୟ କରିବା ପାଇଁ ପ୍ରାର୍ଥନା କରିଥିଲେ ଓ ଉପସ୍ଥିତ ଥିବା ସମସ୍ତ ଭାଇ ଭଉଣୀମାନେ ଆଶୀର୍ବାଦ ପ୍ରଦାନ କରିଥିଲେ କ୍ଷ ଏହା ସମାଜ ପାଇଁ ଏକ ସଚେତନତାର ବାର୍ତ୍ତା ଓ ଉଦାହରଣ କ୍ଷ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡା ଏହି ମହତ୍ୱପୂର୍ଣ୍ଣ ସେବା କାର୍ଯ୍ୟପାଇଁ ଶ୍ରୀମତୀ ଛବିଲତା ଦାସ ଓ ଧରଣୀଧର ବେହେରା ଙ୍କୁ ହୃଦୟରୁ ଧନ୍ୟବାଦ ଅର୍ପଣ କରିଛନ୍ତି, । ଏହି ମହାନ ଆଶା ରୂପକ ସେବାକାର୍ଯ୍ୟ ଓଡିଶା ପାଇଁ ଏକ ଗର୍ବ ଓ ଗୌରବର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି ।

# ରାଜଗାଙ୍ଗପୁର ସହରରେ କାଳବୈଶାଖୀ

ରାଜଗାଙ୍ଗପୁର ,୫।୫(ନି.ପ୍ର.): ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳ ରେ କାଳବୈଶାଖୀ ବର୍ଷା ଝଡ଼ ତୋଫାନ ରେ ଶହେ ରୁ ଉର୍ଦ୍ଧ ଛୋଟ ବଡ଼ ଗଛ ଚାଳଘର ଛାଉଣି କରିଥିବା ଦୋକାନ ବଜାର ଉପରେ ପ୍ରଭାବ ପଡ଼ିଛି। କାଳବୈଶାଖୀ ପ୍ରଭାବରେ ରାଜଗାଙ୍ଗପୁର ରେଳଷ୍ଟେସନ ପ୍ଲାଟଫର୍ମ ନଂ ଦୁଇ ତାର ଉପରେ ଗଛ ପଡ଼ି ନିଆଁ ଲାଗିଯିବାରୁ ହାଓଡ଼ା ମୁମ୍ବାଇ ରେଳପଥ ଠପ୍ ହୋଇଯାଇଥିଲା। ସହର ର ମୁଖ୍ୟ ରାସ୍ତା, ରାଣି ବନ୍ଧ ଡାଲମିଆ ସିମେଣ୍ଟ କାରଖାନା ରାସ୍ତା,ଓସିଏଲ କଲୋନୀ ଗୋପବନ୍ଧୁ ସ୍କୁଲ ରାସ୍ତା ସୁବାଷ ଛକ ବସଷ୍ଟାଣ୍ଡ ସାପ୍ତାହିକ ହାଟ ବଜାର ଲିପଲୋଇ ଏପରିକି ଭଙ୍ଗା ପଡ଼ା ର ଶହେ ପଚାଶ ବର୍ଷ ବଟବୃକ୍ଷ ଧରାଶାୟୀ ହୋଇଛି। ଉକ୍ତ ବଟବୃକ୍ଷ ପଡ଼ିବା ଯୋଗୁ ନିକଟସ୍ଥ ପାଣିଗ୍ରାହୀ ଘର ଛାତ କିଛି ଅଂଶ ହନୁମାନ ମନ୍ଦିର, ବିଦ୍ୟୁତ୍ ସେବା ଓ ଟେଲିଫୋନ ଲାଇନ୍ କ୍ଷତିଗ୍ରସ୍ତ ହୋଇଛିରାତିସାରା ବିଜୁଳିଲାଇନ୍‌ବିଛିନ୍ନଯୋଗୁଁସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ ।ସକାଳୁ ବଣ ବିଭାଗ ପୌରପାଳିକା ଓ ଟାଟା ପାୱାର ପକ୍ଷରୁ ଯୁଦ୍ଧ ଭିତ୍ତିକ ସ୍ତରରେ ରାସ୍ତା ଅବରୋଧ ଗଛ କାଟି ସଫା ସୁତୁରା କରାଯାଇ ବିଦ୍ୟୁତ୍ ସେବା ବାହାଲ କରାଯାଇଥିଲା।



## ପାଖେଇ ଆସୁଛି ମହାପ୍ରଭୁଙ୍କ ରଥଯାତ୍ରା

### ସିସିଟିଭି ନଜରରେ ରହିବ ବଡ଼ଦାଣ୍ଡ

ପୁରୀ,୫।୫(ନି.ପ୍ର.): ପାଖେଇ ଆସୁଛି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ରଥଯାତ୍ରା ପ୍ରସ୍ତୁତି ନେଇ ପୁରୀ ଏସ୍‌ପି ପ୍ରତୀକ ସିଂହ ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି। ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଏସ୍‌ପି କହିଛନ୍ତି। ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ଏକାଧିକ କେ _ାଲ୍ ରୁମ୍ ଖୋଲାଯିବ। ଏପରିକି ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ରହିବ ବୋଲି ଏସ୍‌ପି କହିଛନ୍ତି। ରଥ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ ଲଗାଯିବ। ଏପରିକି ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୁଗଲର ସହାୟତା ନିଆଯିବ। ଅନ୍ୟପକ୍ଷେ ରଥ ସମୟରେ ଅମାନିଆ ଅଟୋ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

## ରାୟଗଡ଼ା ନୂଆ ରେଳ ଡିଭିଜନ ପାଇଁ ବିଜ୍ଞପ୍ତି ପ୍ରକାଶ

ନୂଆଦିଲ୍ଲୀ: ରାୟଗଡ଼ାରେ ହେବ ନୂଆ ରେଳ ଡିଭିଜନ । ଜୁନ ୧ରୁ କାର୍ଯ୍ୟକାରୀ ହେବ ରାୟଗଡା ଡିଭିଜନ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ଛଡ଼ା, ଦକ୍ଷିଣ ତଟ ରେଳୱେ ମଧ୍ୟ ନୂତନ ଭାବେ ଆରମ୍ଭ ହେବ । ରାୟଗଡ଼ା ରେଳ ଡିଭିଜନ ପୂର୍ବତଟ ରେଳ ଅଧୀନରେ କାମ କରିବ । ନୂଆ ରାୟଗଡ଼ା ଡିଭିଜନ୍ ଅଧୀନରେ ମୋଟ ୬୧୬ କିମି ରେଳପଥ ରହିବ। ଆସନ୍ତା ଜୁନ୍ ୧ ତାରିଖରୁ ଏହା କାର୍ଯ୍ୟକ୍ଷମ ହେବେ । ସେହିପରି ୱାଲଟିଅର୍ ଡିଭିଜନକୁ ଦୁଇ ଭାଗ କରାଯାଇଛି। ଗୋଟିଏ ଭାଗ ରାୟଗଡ଼ା ଡିଭିଜନ ଯାହା ପୂର୍ବତଟ ରେଳ ଅଧୀନରେ ରହିବ । ଅନ୍ୟ ଭାଗ ଦକ୍ଷିଣ ତଟ ବିଶାଖାପାଟଣା ଅଧୀନରେ ରହିଛି। ନୂଆ କରି ଦକ୍ଷିଣତଟ ରେଳ ଜୋନ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଦକ୍ଷିଣତଟ ରେଳ ଜୋନ ମୁଖ୍ୟ କାର୍ଯ୍ୟାଳୟ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ରହିବ ।

# ଜିଲ୍ଲା ମେଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୫।୫(ନି.ପ୍ର.): ଯାଜପୁର ଜିଲ୍ଲାସ୍କୁଲ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷଂକ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶ ଲେଖିଥିବା ଅନୁଯାୟୀ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀ ମହେଶ୍ୱର ସାହୁଂକ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଣ୍ଟିଆଂକ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକୀକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ପଢ଼ାଯିବ, ସେ ବିଷୟରେ ଆଲୋକପାତ କରି

ଡକ୍ଟର ପୃଷ୍ଟି କହିଥିଲେ 'ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ। ଅତୀତରେ



ଭାରତବର୍ଷକୁ ଜ୍ଞାନର ଆଲୋକ ପ୍ରଦାନ କରିଥିବା ଯାଜପୁର ଆଜି ବିଜ୍ଞାନ କ୍ଷେତ୍ରରେ ବହୁ ପଛରେ ପଡିଛି। ତେଣୁ ଖଣିଜସମ୍ପଦ ଭରା ଏହି ମାଟିରେ ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରି ପାରିବେ।' ସରକାରି ବିଦ୍ୟାଳୟରେ ପଢୁଥିବା ପିଲାମାନଂକପାଇଁ ଡାକ୍ତରୀ ଓ ଇଂଜିନିୟରିଂ ନାମଲେଖାରେ ୧୫% ସ୍ଥାନ ସଂରକ୍ଷିତ ରହିଛି। ସେହିଭଳି ଓଇଏ, ଡଇଏ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଂଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡିଆରେ ଆସୁଥିବାରୁ ଓଡିଆରେ ବିଜ୍ଞାନ ପଢିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରଫେସର ନୀରଦବରଣ ଖୁଣ୍ଟିଆ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡିଆରେ ବିଜ୍ଞାନ ବିଷୟ ନେଇ ପଢିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧକ୍ଷ ତଥା ଶିକ୍ଷକମାନଂକୁ ପରାମର୍ଶ ଦେଇଥିଲେ। ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟର ଶୁଭମ ସାହୁଂକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସୁଦର୍ଶନପାଡ଼ୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଂକୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପାଇଁ ନଗଦ ପାଂଚ ହଜାର ଟଂକା, ମାନପତ୍ର, ଉତ୍ତରୀୟ ଏବଂ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିବାବେଳେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ସୁପରଭାଇଜର ଶ୍ରୀ କୁମାରସେନ ସେନାପତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ



ଭୁବନେଶ୍ୱର,୫।୫(ନି.ପ୍ର.): ଆଜିର ଏହି ଐତିହାସିକ ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ। ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ପରିବର୍ତ୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଏହି ସଫଳତା ପ୍ରମାଣ କରୁଛି ଯେ, ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି। ଆମ ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ନିଷ୍ଠା ଆଜି ଫଳପ୍ରଦ ହୋଇଛି। ଓଡିଶାର ମାଟିରୁ ଆରମ୍ଭ ହୋଇଥିବା ଆମର ଏହି ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ। ଆମେ କେବଳ ନିର୍ବାଚନ ଜିତିବାକୁ ଚାହୁଁନାହୁଁ, ବରଂ ପ୍ରତିଟି ମଣିଷର ହୃଦୟ ଜିତିବାକୁ ଚାହୁଁ। ରାଜନୀତିରେ ଜୟ ପରାଜୟ ଲାଗିରହେ, କିନ୍ତୁ ଜନସେବା ସର୍ବଦା ଜାରି ରହିବା ଉଚିତ। ଆମକୁ ଅଧିକ ନମ୍ରତାର ସହ ଲୋକଙ୍କ ନିକଟକୁ ଯିବାକୁ ହେବ। ବିଜୟର ଏହି ଗର୍ବ ଆମକୁ ଅହଂକାରୀ ନୁହେଁ, ବରଂ ଅଧିକ ଦାୟିତ୍ୱବାନ କରିବା ଦରକାର। ପଡୋଶୀ ରାଜ୍ୟଗୁଡିକରେ ଆମର ଏହି ସଫଳତା ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ମାନ୍ୟବର ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଫଳ ନେତୃତ୍ୱ ଏବଂ ଜନକଲ୍ୟାଣ ନୀତି ଉପରେ ଅତୁଟ ବିଶ୍ୱାସ ରହିଛି, ଯାହା ଆଜି ବିଧାନସଭା ନିର୍ବାଚନର ଐତିହାସିକ ଫଳାଫଳରେ ପୁଣି ଥରେ ପ୍ରତିଫଳିତ ହୋଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର, ଆସାମରେ ଲଗାତାର ତୃତୀୟ ଥର ଏବଂ ପୁଡୁଚେରୀରେ ଦ୍ୱିତୀୟ ଥର ପାଇଁ ବିଜେପି ନେତୃତ୍ୱରେ ଏନଡିଏ ମେଂଟ ସରକାର ଗଠନ କରିବା ହେଉଛି ଏହି ବିଶାଳ ବିଶ୍ୱାସର ପରିଣାମ । ଏହି ଐତିହାସିକ ବିଜୟ ପାଇଁ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ରାଜ୍ୟର ସମସ୍ତ ଉତ୍ସର୍ଗୀକୃତ ନେତୃତ୍ୱ, କଠିନ ପରିଶ୍ରମୀ କାର୍ଯ୍ୟକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ଐତିହାସିକ ବିଜୟ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ, ମାନ୍ୟବର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମେତ ସମସ୍ତ ସହଯୋଗୀ ଦଳ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକର୍ତ୍ତାମାନେ ବାଣ ଫୁଟାଇ, ବାଜା ବଜାଇ, ମିଠା ଓ ଝାଲମୁଢ଼ି ଖାଇ ବିଜୟ ଉତ୍ସବ ପାଳନ କରିଥିଲେ। ଆଜିର ଏହି ବିଜୟ କାର୍ଯ୍ୟକର୍ତ୍ତାଙ୍କ ମନରେ ଅନେକ ଖୁସି ଓ ଆନନ୍ଦ ଆଣିଦେଇଛି।

# କମାରଯୋଡ଼ାରେ ସତସଙ୍ଗ



ଯୋଡ଼ା,୫।୫(ନି.ପ୍ର.): କେନ୍ଦୁଝର ଜିଲ୍ଲା ଯୋଡ଼ା ର କମାର ଯୋଡ଼ା ସ୍ଥିତ ସତସଙ୍ଗ ଉପାସନା କେନ୍ଦ୍ର ପ୍ରାଙ୍ଗଣ ରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଇଷ୍ଟ ପ୍ରାଣ ଗୁରୁଭାଇ ଙ୍କ ମଧ୍ୟରେ ଏକ ସତସଙ୍ଗ ଆୟୋଜିତ ହୋଇଯାଇଛି। ଏହା। ସନ୍ଧ୍ୟା ସାତ ଟା ତିରିଶି ରୁ ଆରମ୍ଭ ହୋଇ ନଅ ଟା ରେ ସାରିଥିଲା। ସତସଙ୍ଗ ର ଉଦ୍ଦେଶ୍ୟ ସୁଶାନ୍ତ ଦାସ ଙ୍କ ସୁକନ୍ୟା ବାର ବର୍ଷୀୟ ମୀନା କୁମାରୀ ଙ୍କ ଜନ୍ମ ଦିନ ପାଳନ ।ତେବେ ସହ ସହ ଭକ୍ତ ଯୋଗ ଦେଇ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ସତସଙ୍ଗ ରେ ନାମ ସଂକିର୍ତନ୍,ଠାକୁର ଙ୍କର ମହାନ୍ ବକ୍ତବ୍ୟ ଓ ପ୍ରସାଦ ସେବନ ର ବ୍ୟବସ୍ଥା ରହିଥିଲା। ଏଥିରେ ସହ ପ୍ରୀତି ରିତିକ ଅଶୋକ ପାଣିଗ୍ରାହୀ ଯୋଗଦେଇ ସତସଙ୍ଗ ର ମାନ ବୃଦ୍ଧି କରିବା ସହ ଧର୍ମ ଯାଯକ୍, ଇଷ୍ଟପ୍ରଣ ଗୁରୁଭଇ, ଭକ୍ତିମତି ମା ମାନେ ଯୋଗ ଦେଇ ଥିଲେ।

## ଭିଜିଲାନ୍ସ ଜାଲରେ ଆଟିଗାଁ ପଞ୍ଚାୟତ ଏଡିଇଓ

ଭବାନୀପାଟଣା,୫।୫: ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଆଟିଗାଁ ପଞ୍ଚାୟତ ଏଡିଇଓ ଦେବେନ୍ଦ୍ର ସାହୁ । ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦେବା ପାଇଁ ଆଟିଗାଁର ଶ୍ରୀବତ୍ସ ଭୋଇଙ୍କ ଠାରୁ ୬୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ଲକ ସମ୍ମୁଖରେ ଭିଜିଲାନ୍ସ ତାଙ୍କୁ ମାଡି ବସିଥିଲା। ବର୍ତ୍ତମାନ ବ୍ଲକ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ କରିଛନ୍ତି ଭିଜିଲାନ୍ସ ବିଭାଗ । ଖବର ଲେଖାଯିବା ସୁଦ୍ଧା ଭିଜିଲାନ୍ସ ଟିମ୍ ଦ୍ୱାରା କଣ ଠାବ କରାଯାଇଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ ।

# ଦୀର୍ଘ ୬ ବର୍ଷର ଅକ୍ଳାନ୍ତ ଚେଷ୍ଟାରେ ସାମନ୍ତରାୟ ଏକାଡେମୀର ଛାତ୍ରଙ୍କ ସଫଳତା

ବ୍ରହ୍ମପୁର,୪।୫(ମନ୍ଥନ): ସ୍ଥାନୀୟ ଗୋଷାଣୀନୂଆଗାଁ ସ୍ଥିତ ଡିଫେନ୍ସ ପ୍ରଶିକ୍ଷଣ ଅନୁଷ୍ଠାନ ସାମନ୍ତରାୟ ଏକାଡେମୀ ପରିସରରେ ସୋମବାର ସନ୍ଧ୍ୟାରେ ଏକ ଶୁଭେଚ୍ଛା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ ସର୍ବ ଭାରତୀୟ ସ୍ତରରେ ଟେରିଟୋରିଅଲ ଆର୍ମି ଅଫିସର ଚୟନରେ ପ୍ରଥମ ୧୪ଜଣ କୃତି

### ଓଡ଼ିଆ ପିଲା ମଧ୍ୟ ଆର୍ମିରେ ଅଫିସର ହୋଇପାରିବେ - ସାଗର ଧଳ

ପରୀକ୍ଷାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସେଥି ମଧ୍ୟରେ ଓଡିଶାର ଢେଙ୍କାନାଳ ଜିଲ୍ଲାର ସୁର ପ୍ରତାପ ପୁରର ଜଣେ ଚାଷୀ ଘରର ଯୁବକ ସାଗର ଧଳ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ପ୍ରକାଶ ଥାଉ କି, ନିକଟରେ ପ୍ରକାଶ ପାଇଥିବା ଭାରତୀୟ ଟେରିଟୋରିଅଲ ଆର୍ମିର ଅଫିସର ଚୟନର ସମସ୍ତ ଲିଖିତ, ଏସଏସବିଓ ମେଡିକାଲ ପରୀକ୍ଷାରେ ସଫଳତା ହାସିଲ କରି ଚୂଡାନ୍ତ ତାଲିକାରେ ସର୍ବ ଭାରତୀୟ ସ୍ତରରେ ୧୪ ଜଣ କୃତି ପରୀକ୍ଷାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ସାମନ୍ତରାୟ



ଏକାଡେମୀର ଛାତ୍ର ସାଗର ଧଳ। ଏନେଇ ଆଜି ତାଙ୍କୁ ଶିକ୍ଷାନୁଷ୍ଠାନ ପରିସରରେ ସମ୍ମାନିତ ଅତିଥି ହର ମୋହନ ପାଣିଗ୍ରାହୀ, ଉପଦେଷ୍ଟା ଗୋକୁଳ ନନ୍ଦ ତ୍ରିପାଠୀ ଏବଂ ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ତଥା ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଉକ୍ତ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯେ, ଏକାଡେମୀରେ ପ୍ରଶିକ୍ଷଣ ନେବା ବେଳେ, ଅନେକ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଇ ଉଭୟ ସଫଳତା, ଅସଫଳତାର ମିଶ୍ରିତ ଫଳ ଓ କଠିନ ପରିଶ୍ରମକୁ ପାଥେୟ କରି ଏକାଡେମୀରେ ମିଳୁଥିବା ଉଚିତ ପ୍ରଶିକ୍ଷଣ ଓ ପ୍ରେରଣା ହିଁ ତାଙ୍କ ସଫଳତାର ରହସ୍ୟ । ତେଣୁ ସମ୍ଭାବ୍ୟ ଅସଫଳତାରେ ବିବ୍ରତ ନ ହୋଇ ଏକାଡେମୀର ମାର୍ଗଦର୍ଶନରେ ଧୈର୍ଯ୍ୟର ସହ ପ୍ରସ୍ତୁତି ଜାରି ରଖି ସଫଳତା ହାସିଲ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ । ସେହିପରି ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ ବାର୍ତ୍ତା ପ୍ରଦାନ କରି ଏକାଡେମୀର ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଉକ୍ତ ଫଳାଫଳ ଭାରତୀୟ ସେନାରେ ଅଫିସର ପଦ ପାଇଁ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗେଇବ, କେବଳ ଯେ, ଅନ୍ୟ ରାଜ୍ୟର ଯୁବକ ମାନେ ହିଁ ଆର୍ମିରେ ଅଫିସର ହୋଇପାରିବେ ତାହା ନୁହେଁ, ଓଡ଼ିଶାର ଓଡ଼ିଆ ଯୁବକ ମାନେ ମଧ୍ୟ ଶତ ପ୍ରତିଶତ ଅକ୍ଳାନ୍ତ ପରିଶ୍ରମ କରି ଅଫିସର ହୋଇପାରିବେ ବୋଲି ପ୍ରକାଶ କରିଥିଲେ । ତେବେ ଆଗକୁ ଆହୁରି ଦୁଇ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଯଥା ଏନ୍ ଡିଏ ଓ ସିଡିଏ ଭଳି ପରୀକ୍ଷା ରହିଛି, ଏଣୁ ନିଜ ନିଜ ସଂଘର୍ଷକୁ ଆହୁରି ସୁଦୃଢ଼ କରିଲେ ସେଥିରେ ମଧ୍ୟ ସଫଳତା ହାସଲ ହୋଇପାରିବେ ବୋଲି ଉପଦେଶ ଦେଇଥିଲେ। ଏହିକାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ମାନଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ